## ମକର ଯାତ୍ରାରେ କଣିହାଁ ଚଳଚଞ୍ଚଳ

**କଣିହାଁ, ୧୫।୧(ସମିସ):** କଣିହାଁ ବ୍ଲକର ବିଭିନ୍ନ ସ୍ଥାନରେ ସୋମବାର ଆନନ୍ଦ ଉଲ୍ଲାସ ମଧ୍ୟରେ ମକର ଯାତ୍ରା ଅନୁଷ୍ଠିତ ହେଉଛି। ବ୍ଲକସ୍ଥ ଟୋଲକବେଡ଼ା, ଭୂଇଁପୁର, କୁଲେଇ, ବଡ଼ହୀରା ଆଦି ଗ୍ରାମରେ ମକରଯାତ୍ରା ପାଳନ ହେଉଛି। ଫଳରେ ଗ୍ରାମାଞ୍ଚଳ ଉତ୍ସବ ମୁଖର ହୋଇପଡ଼ିଛି। ଆଜି ସକାଳୁ ନଦୀରେ ବୁଡ଼ ପକାଇ ଶ୍ରଦ୍ଧାଳୁମାନେ ବାବା ବିଷ୍ଣୁଙ୍କୁ ଦର୍ଶନ କରିଥିଲେ। ଏହାପରେ ଯାତ୍ରାସ୍ଥଳୀରେ ବିଭିନ୍ନ ଗ୍ରାମର ସଂକୀର୍ତ୍ତନ ମଣ୍ଡଳୀ ଆସି ସନ୍ଧ୍ୟା ପର୍ଯ୍ୟନ୍ତ ନାମ ସଂକୀର୍ତ୍ତନ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ବ୍ଲକର ବିଭିନ୍ନ ଶୈବପୀଠ ଗୁଡ଼ିକରେ ଶ୍ରଦ୍ଧାଳୁଙ୍କ ଭିଡ ପରିଲକ୍ଷିତ ହେବା ଫଳରେ ସମଗ୍ର ଅଞ୍ଚଳ ଚଳଚଞ୍ଚଳ ହୋଇପଡ଼ିଛି। ବିଶେଷ କରି ବ୍ଲକସ୍ଥ ଟୋଲକବେଡା ମୌଜା ଚେମିଣୀଘାଟି ବିଷ୍ଣୁ ମନ୍ଦିର ପ୍ରାଙ୍ଗଣରେ ସ୍ଥାନୀୟ ଗ୍ରାମବାସୀଙ୍କ ଆନୁକୂଲ୍ୟରେ "ମକର-ମେଳା' ପାଳନ ସହିତ ଶ୍ରଦ୍ଧାଳୁ ଭକ୍ତଙ୍କ ପାଇଁ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିଲା। ବିଶେଷ କରି ଗ୍ରାମବାସୀଙ୍କ ପ୍ରଚେଷ୍ଟାରେ ଟିକିରା ନଦୀ ପାର ହୋଇ ବିଷ୍ଣୁ ପ୍ରଭୂଙ୍କ ଦର୍ଶନ ପାଇଁ ୫ଶହ ମିଟର ଏକ କାଠ ପୋଲ ତିଆରି କରାଯାଇଛି। ଯାହା ଶ୍ରଦ୍ଧାଳୁ, ଭକ୍ତଙ୍କ ପାଇଁ ବେଶ୍ ଆକର୍ଷଣ ସାଜିଛି।

## ମନ୍ଦିର ପୂଜକଙ୍କ ଅକାଳ ମୃତ୍ୟୁ

**ନାଲକୋନଗର, ୧୫।୧(ସମିସ):** ଯାଜପୁର ଅଞ୍ଚଳରୁ ଆସି ନାଲକୋ ନିକଟସ୍ଥ କାଣ୍ଡସର ଗାଁରେ ଦୀର୍ଘ ଦିନ ଧରି ରହିଆସୁଥିବା ହୃଷୀକେଶ ଚଇନି (ମେଘା ନନା)ଙ୍କ ରବିବାର ରାତିରେ ପରଲୋକ ଘଟିଛି। ନାଲକୋ କଲୋନୀ ଶନିଶ୍ଚରଦେବ ମନ୍ଦିରରେ ସେ ପୂଜକ ଥିଲେ। ଗତ କିଛିଦିନ ହେଲା ସ୍ୱାସ୍ଥ୍ୟଗତ ସମସ୍ୟା ରହି ଆସୁଥିଲା। ରବିବାର ବିଳମ୍ବିତ ରାତିରେ ସ୍ୱାସ୍ଥ୍ୟ ଅବସ୍ଥା ଗୁରୁତର ହେବାରୁ ଅନୁଗୋଳ ଡାକ୍ତରଖାନାରେ ଭର୍ତ୍ତି ହୋଇଥିଲେ। ମାତ୍ର ସେଠାରେ ତାଙ୍କର ମୃତ୍ୟୁ ଘଟିଛି। ତାଙ୍କ ଶେଷକୃତ୍ୟ ପାଇଁ କାଣ୍ଡସର ଗ୍ରାମର ଜୟ ଜଗନ୍ନାଥ ସ୍ୱେଚ୍ଛାସେବୀ ଅନୁଷ୍ଠାନର ସଭାପତି ଅନନ୍ତ ବାରିକ, ପୂର୍ବତନ ସରପଞ୍ଚ ବିଷ୍ଣୁ ଚରଣ ବେହେରା, ସମାଜସେବୀ ଚିନ୍ମୟୀ ଦାସ ପ୍ରମୁଖଙ୍କ ସହଯୋଗରେ କାଣ୍ଡସର ଗାଁ ଶ୍ମଶାନରେ ଚଇନିଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା। ଏକମାତ୍ର ପୁତ୍ର ଭବାନୀ ଚଇନି ମୁଖାଗ୍ନି ଦେଇଥିଲେ।

# ପଲ୍ଲିଶ୍ରୀ ମେଳା ଉଦ୍‌ଯାପିତ; ୨ କୋଟି ବେପାର

**ଅନୁଗୋଳ, ୧୫।୧(ସମିସ)**



ଚଳିତ ମାସ ୧୧ ତାରିଖରୁ ଆରମ୍ଭ ହୋଇଥିବା ପଲ୍ଲୀଶ୍ରୀ ମେଳା ୨୦୨୪ ଆଜି ଅପରାହ୍ନରେ ଉଦଯାପିତ ହୋଇଯାଇଛି। ଏହି ଉଦଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବରେ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ମୁଖ୍ୟ ନିର୍ବାହୀ ଅଧିକାରୀ ହେମନ୍ତ କୁମାର ସିଂହ ଯୋଗଦେଇ କହିଥିଲେ ଯେ, ପଲ୍ଲୀଶ୍ରୀ ମେଳା ସ୍ୱୟଂ ସହାୟିକା ଗୋଷ୍ଠୀ ଓ ବିଭିନ୍ନ ରାଜ୍ୟରୁ ଆସିଥିବା ପ୍ରତିନିଧି ମାନଙ୍କର ଗୁଣାତ୍ମକ ଉତ୍ପାଦକ ଗୁଡ଼ିକୁ ବିକ୍ରୟ କରିବାରେ ସୁଯୋଗ ସୃଷ୍ଟି କରିଛି। ଆଗକୁ ମଧ ଜିଲ୍ଲା ପ୍ରଶାସନ ତରଫରୁ ଏହିଭଳି ପ୍ରୋତ୍ସାହନର ପ୍ରୟାସ ରହିବ ବୋଲି ସେ କହିଥିଲେ। ଏହି ଅବସରରେ ଏହି ମେଳାରେ ସର୍ବାଧିକ ବିକ୍ରି କରିଥିବା ବରଗଡ଼ର ମା' ସମଲେଶ୍ୱରୀ ବୁଣାକାର ଉତ୍ପାଦକ ଗୋଷ୍ଠୀକୁ ପୁରସ୍କୃତ କରାଯାଇଥିଲା। ସେହିପରି ଶ୍ରେଷ୍ଠ ପ୍ରଦର୍ଶନ କରିଥିବା କେନ୍ଦ୍ରାପଡ଼ାର ସତ୍ୟସାଇ ଗୋଲ୍ଡେନ ଗ୍ରାସ ଉତ୍ପାଦକ ଗୋଷ୍ଠୀ, ଶ୍ରେଷ୍ଠ ସେଲେସ ମ୍ୟାନ ଭାବେ ଅନୁଗୋଳର ବିଜୟ ବେହେରା, ଶ୍ରେଷ୍ଠ ନିଆରା ଉତ୍ପାଦକ ପାଇଁ ବାଲିପାଟଣାର ଜୟଦେବ ବାନାନା କ୍ଲଷ୍ଟର, ଶ୍ରେଷ୍ଠ ପ୍ରଦର୍ଶନ ଶୈଳୀ ପାଇଁ ଜିଲ୍ଲା ମତ୍ସ୍ୟ କାର୍ଯ୍ୟାଳୟ ଓ ଶ୍ରେଷ୍ଠ ବ୍ରାଣ୍ଡିଂ ପାଇଁ ନୂଆପଡ଼ାର ପଲ୍ଲୀଶ୍ରୀ ସ୍ୱୟଂସହାୟକ ଗୋଷ୍ଠୀକୁ ମଧ ପୁରସ୍କୃତ କରାଯାଇଥିଲା। ଏହି ମେଳାରେ ଓଡ଼ିଶା ସମେତ ୧୫ଟି ରାଜ୍ୟ ଓ ଓଡ଼ିଶାର ସମସ୍ତ ଜିଲ୍ଲାରୁ ଆସିଥିବା ପ୍ରତିନିଧିମାନେ ୨୦୦ଟି ଷ୍ଟଲ ଜରିଆରେ ପ୍ରାୟ ୨ କୋଟି ଟଙ୍କାର ଉତ୍ପାଦକ ବିକ୍ରି କରିଥିଲେ। କାର୍ଯ୍ୟକ୍ରମରେ ଓରମାସ ର ଉପ ମୁଖ୍ୟ ନିର୍ବାହୀ ଅଧିକାରୀ ଶ୍ରୀ ସୌରଭ ପରିଚାଳନା କରିଥିଲେ।

# ଅନନ୍ତ ଡିଏଭିରେ ଫକୀରମୋହନଙ୍କ ଜୟନ୍ତୀ



**ତାଳଚେର, ୧୫।୧(ସମିସ):** ଏମସିଏଲ, ଜଗନ୍ନାଥ କ୍ଷେତ୍ର ଅନ୍ତର୍ଗତ ଡିଏଭି ପବ୍ଲିକ୍ ସ୍କୁଲ, ଅନନ୍ତ ବିହାର ପରିସରରେ ବ୍ୟାସକବି ଫକୀରମୋହନଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଉକ୍ତ ଉତ୍ସବରେ ଅନନ୍ତ ଡିଏଭିର ଅଧ୍ୟକ୍ଷା ଜ୍ୟୋତି ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ବ୍ୟାସକବି ଫକୀରମୋହନ ସେନାପତିଙ୍କ ଫଟୋ ଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ଛାତ୍ରଛାତ୍ରୀ ସ୍ୱାଗତ ସଙ୍ଗୀତ ଗାନ କରାଯାଇଥିଲା। ଛାତ୍ରୀ ଯାଜ୍ଞସେନୀ ସାହୁ ଗଦ୍ୟ ସମ୍ରାଟ ଫକୀରମୋହନଙ୍କ ଜୀବନୀ ଓ କୃତି ସମ୍ପର୍କରେ ବକ୍ତୃତା ପ୍ରସ୍ତୁତ କରିଥିଲେ। ଶିକ୍ଷକ କରୁଣାକର ସାହୁଙ୍କ ଦ୍ୱାରା ଫକୀର ମୋହନଙ୍କ ଜୀବନୀ ଆଧାରିତ ଏକ କୁଇଜ୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ଶିକ୍ଷକ ସୁଧାଂଶୁ କୁମାର ସ୍ୱାଇଁ ଫକୀର ମୋହନଙ୍କ ଜୟନ୍ତୀ ପାଳନର ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। କୁଇଜ୍‌ରେ ସଫଳତା ହାସଲ କରିଥିବା ପିଲାମାନଙ୍କୁ ଅଧ୍ୟକ୍ଷା ମହୋଦୟା ପୁରସ୍କୃତ କରିବା ସହିତ ପୁସ୍ତକ କ୍ରୟ ଓ ପଠନ ପାଇଁ ଆପଣା ବକ୍ତବ୍ୟରେ ପରାମର୍ଶ ଦେଇଥିଲେ। ଶେଷରେ ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ଡ଼କ୍ଟର ଅନ୍ତର୍ଯ୍ୟାମୀ ସାହୁ କାର୍ଯ୍ୟକ୍ରମର ସଫଳତାରେ ପ୍ରତ୍ୟେକଙ୍କର ସହଯୋଗ ପାଇଁ ଆନ୍ତରିକ ଧନ୍ୟବାଦ ଅର୍ପଣ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଓଡ଼ିଆ ବିଭାଗର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଏବଂ ବିଦ୍ୟାଳୟର କର୍ମଚାରୀ ସହଯୋଗ କରିଥିଲେ।

## ରୋଟାରୀ ରୟାଲର ଫ୍ରିଜ୍ ଓ ଷ୍ଟ୍ରେଚର ପ୍ରଦାନ




**ଅନୁଗୋଳସହର, ୧୫।୧(ସମିସ):** ରୋଟାରୀ କ୍ଲବ ଅନୁଗୁଳ ରୟାଲ ତରଫରୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ଏକ ଫ୍ରିଜ ପ୍ରଦାନ କରାଯାଇଅଛି। ରୋଟାରୀ ରୟାଲର ସଭାପତି ଡ଼ଃ ମାଇକେଲ ଜନଙ୍କ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଫ୍ରିଜ ପ୍ରଦାନ ଦ୍ୱାରା ଜୀବନରକ୍ଷକ ଭ୍ୟାକସିନ ରଖିବାରେ ସହାୟକ ହେବ ବୋଲି ଡ଼ଃ ନମିତା ନନ୍ଦ ଏବଂ ଡ଼ଃ ପ୍ରିୟଙ୍କା ପ୍ରିୟଦର୍ଶିନୀ କହିଥିଲେ। କାର୍ଯ୍ୟକ୍ରମରେ ସମ୍ପାଦକ କୈଳାସ ଅଗ୍ରୱାଲା, ମଧୁ ଗୁପ୍ତା, ଡ଼ଃ ସୋମ୍ୟକାନ୍ତ ବିଶୋଇ, ନିହାର ରଞ୍ଜନ ପ୍ରସାଦ ଏବଂ ଅନିଲ ଗୁପ୍ତା ପ୍ରମୁଖ ଉପସ୍ଥିତ ଥିଲେ। ନିକଟସ୍ଥ ପରଜଙ୍ଗ ଚିକିତ୍ସାଳୟରେ କ୍ଲବ ତରଫରୁ ଏକ ଷ୍ଟ୍ରେଚର ପ୍ରଦାନ କରାଯାଇଥିଲା। ଚିକିତ୍ସାଳୟର ଇନଚାର୍ଜ ଡ଼ଃ ସ୍ମୃତିରଞ୍ଜନ ବିଶ୍ୱାଳ କ୍ଲବର ଏହି କାର୍ଯ୍ୟକୁ ପ୍ରଶଂସା କରିଥିଲେ।

## ସୁରୁଙ୍ଗୀ ପୀଠରେ ମକର ମେଳା



**ତାଳଚେର, ୧୫।୧(ସମିସ):** ପବିତ୍ର ମକର ସଂକ୍ରାନ୍ତି ପାଳନ ଅବସରରେ ତାଳଚେର ବ୍ଲକ ସୋଲଡା ଗ୍ରାମ ନିକଟସ୍ଥ ସୁରୁଙ୍ଗୀ ପୀଠ ପରିସରରେ ଚତୁର୍ଥ ମକର ମେଳା ଓ ସପ୍ତଶତୀ ଚଣ୍ଡୀ ମହାଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ଯଜ୍ଞକାର୍ଯ୍ୟରେ ଶୁଶାନ୍ତ ଶତପଥୀ, ସୁରେଶ ଚନ୍ଦ୍ର ଧର, ତାନସେନ ମିଶ୍ର, ସୁରେଶ ଶତପଥୀ, ସନ୍ତୋଷ ତ୍ରିପାଠୀ, ଅମର କୁମାର ପଣ୍ଡା, ହିମାଂଶୁ ଭୂଷଣ ନନ୍ଦ ପ୍ରମୁଖ ସୂର୍ଯ୍ୟ ପୂଜା, ଦଶ ମହାବିଦ୍ୟା, ଶତଚଣ୍ଡୀ ପାଠ, ପୂର୍ଣ୍ଣାହୁତି କାର୍ଯ୍ୟକ୍ରମ ଶାସ୍ତ୍ରାନୁମୋଦିତ ବିଧିବିଧାନ ଅନୁଯାୟୀ ସମ୍ପନ୍ନ କରିଥିଲେ। ଯଜ୍ଞକର୍ତ୍ତା ଭାବରେ ସୋଲଡା ଗ୍ରାମ ସଭାପତି ଫିରୋଜ ପ୍ରଧାନ, କବିରାଜ ସାହୁ, ଓ ତାଙ୍କ ପତ୍ନୀ କୁମୁଦିନୀ ସାହୁ, ଗଣେଶ୍ୱର ପ୍ରଧାନ, ଶେଷଦେବ ପ୍ରଧାନ ପ୍ରମୁଖ ଦାୟିତ୍ୱ ତୁଲାଇଥିଲେ। ସୋଲଡା ଗ୍ରାମର ନାମ ସଂକୀର୍ତନ ଦଳ ନାମ ପରିବେଷଣ କରିଥିଲେ। ଏହି ଅବସରରେ ମା ସୁରୁଙ୍ଗୀ ମହାପାଟଙ୍କ ପୀଠ ପରିସରରେ ନୂତନ ହନୁମାନ ପ୍ରତିମା ପ୍ରତିଷ୍ଠା କରାଯାଇଥିଲା।

## ଝିଙ୍କିବାହାଲ କ୍ରିକେଟ: ଶରଧାପୁର ଚାମ୍ପିଅନ

**କିଶୋରନଗର, ୧୫।୧(ସମିସ):** କିଶୋରନଗର ବ୍ଲକ ଝିଙ୍କିବାହାଲ କପ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦଯାପିତ ହୋଇଯାଇଛି।

ଉଦଯାପନୀ ମ୍ୟାଚରେ ଶରଧାପୁର ଦଳ କଳାବେଡା ଦଳକୁ ହରାଇ ଚାମ୍ପିଅନ ହୋଇଛି। ଏଥିରେ ମୁଖ୍ୟଅତିଥି ଭାବେ ସମାଜସେବୀ ଦିବାକର ପ୍ରଧାନ, ସମ୍ମାନୀତ ଅତିଥି ଭାବେ ପିଇଓ ବ୍ରଜେନ୍ଦ୍ର ସେଠୀ, ସୁଧାଂଶୁ ପ୍ରଧାନ, ଦିଲିପ ବେହେରା ଯୋଗଦେଇ ଉଭୟ ଦଳକୁ ପୁରସ୍କୃତ କରିଥିଲେ।



**■ ସାପୋଇନାଳି କ୍ରିକେଟ ଟୁର୍ଣ୍ଣାମେଣ୍ଟ**

## ଖମାର ସ୍ପୋର୍ଟ୍ସ କ୍ଲବ ଚାମ୍ପିଅନ




**ଛେଣ୍ଡିପଦା, ୧୫।୧(ସମିସ):** ଅନୁଗୋଳ ଜିଲ୍ଲା ଛେଣ୍ଡିପଦା ବ୍ଲକ ସପୋଇଲନାଳିଠାରେ ଥିବା ଶିମିଳିପାଳ ଉଚ୍ଚ ବିଦ୍ୟାଳୟ ଖେଳ ପଡ଼ିଆରେ ସୋମବାର ଦିନ ସପୋଇନାଳି କ୍ରିକେଟ କପ୍ ଉଦଯାପିତ ହୋଇଯାଇଛି। ଟେବୁଡୁ କ୍ରିକେଟ କ୍ଲବ ଓ ଖମାର ସ୍ପୋର୍ଟ୍ସ କ୍ଲବ ମଧ୍ୟରେ ଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ଟେବୁଡ଼ କ୍ଲବ ଟସ ଜିତି ବ୍ୟାଟିଂ କରି ନିର୍ଦ୍ଧାରିତ ୬ ଓଭରରେ ୬ ଉଇକେଟ ହରାଇ ୪୯ରନ କରିଥିଲା। ଜବାବରେ ଖମାର ସ୍ପୋର୍ଟ୍ସ କ୍ଲବ ୫ ଓଭର ୫ଟି ବଲରେ ୨ ଉଇକେଟ ହରାଇ ଆବଶ୍ୟକ ରନ୍ ସଂଗ୍ରହ କରି ଚାମ୍ପିଅନ୍ ହୋଇଥିଲା। ସଭାପତି ବିଜୟ ଅଦାବରଙ୍କ ସଭାପତିତ୍ୱରେ ଆୟୋଜିତ ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଛେଣ୍ଡିପଦା ବିଧାୟକ ସୁଶାନ୍ତ ବେହେରା, ସମ୍ମାନୀତ ଅତିଥି ଭାବେ ଶିମିଳିପାଳ ସରପଞ୍ଚ ଗିରିଶ ଚନ୍ଦ୍ର ପ୍ରଧାନ, ସମିତିସଭ୍ୟା କୁନ୍ତଳା ମାଝୀ, ବୁଦ୍ଧଦେବ ବେହେରା ପ୍ରମୁଖ ଯୋଗଦେଇ ଖେଳାଳିଙ୍କୁ ପୁରସ୍କୃତ କରିଥିଲେ।



(An ISO 9001: 2008 & HACCP Certified Company)
Plot No.: 55/D, Food Processing Park, Industrial Estate, Khordha
Email: foodproducts2010@gmail.com
Contact: 8895052838 / 8596070080

## ଶ୍ରୀକାନ୍ତ ମେମୋରିଆଲ କ୍ରିକେଟ/ସେମିରେ ଟାଟା ଜାମସେଦପୁର



**ପାଲଲହଡା, ୧୫।୧(ସମିସ):** ପାଲଲହଡା ଷ୍ଟାଡିୟମ ଠାରେ ଜୟ ଶ୍ରୀରାମ କ୍ରିକେଟ କ୍ଲବ ଶାସନ ସାହି ଆନୁକୂଲ୍ୟରେ ଚାଲିଥିବା ଷଷ୍ଠ ଶ୍ରୀକାନ୍ତ ମେମୋରିଆଲ କ୍ରିକେଟ ଟୁର୍ଣ୍ଣାମେଣ୍ଟ ୨୦୨୪ ର ପୁଲ-ବି'ର ପ୍ରଥମ ମ୍ୟାଚ ଜୟ ଶ୍ରୀରାମ କ୍ରିକେଟ କ୍ଲବ ପାଲଲହଡା, ବନାମ କ୍ରିକେଟ ଏକାଡେମୀ ଟାଟା ଜାମସେଦପୁର ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଜୟ ଶ୍ରୀରାମ କ୍ରିକେଟ କ୍ଲବ ପାଲଲହଡା ପ୍ରଥମେ ଟସ୍ ଜିତି ବ୍ୟାଟିଂ ନିଷ୍ପତି ନେଇଥିଲା। ନିର୍ଦ୍ଧାରିତ ୨୫ ଓଭରରେ ଜୟ ଶ୍ରୀରାମ କ୍ରିକେଟ କ୍ଲବ ୯ ୱିକେଟ ହରାଇ ୧୬୧ରନ ସଂଗ୍ରହ କରିଥିଲା। ଜବାବରେ କ୍ରିକେଟ ଏକାଡେମୀ ଟାଟା ଜାମସେଦପୁର ୨୦ ଓଭରରେ ୪ ଉଇକେଟ ହରାଇ ୧୬୨ ରନ କରି ବିଜୟୀ ହୋଇ ପୁଲ-ବି'ର ପ୍ରଥମ ଦଳ ଭାବରେ ସେମିଫାଇନାଲକୁ ଉନ୍ନିତ ହୋଇଛି। କ୍ରିକେଟ ଏକାଡେମୀ ଜାମସେଦପୁର ଦଳର ଫଇଜଲ ଖାନ ୪ ଓଭର ବୋଲିଂ କରି ୨୯ ରନ ଦେଇ ୪ ଟି ଉଇକେଟ ହାସଲ କରିଥିବାରୁ ଶ୍ରେଷ୍ଠ ଖେଳାଳି ଭାବରେ ମ୍ୟାନ ଅଫ୍ ଦି ମ୍ୟାଚ ଭାବରେ ପୁରସ୍କୃତ କରାଯାଇଥିଲା। ବିଶ୍ୱଜିତ ମହାନ୍ତି ଓ ମାଧବ ସାହୁ ଖେଳ ପରିଚାଳନା କରିଥିଲେ। ଜୟ ଶ୍ରୀରାମ କ୍ରିକେଟ କ୍ଲବର ସମସ୍ତ କର୍ମକର୍ତ୍ତାଙ୍କ ସହିତ ସମସ୍ତ ସଦସ୍ୟ ସହଯୋଗ କରିଥିଲେ। ପୂର୍ବରୁ ପ୍ରଥମ ଦଳ ଭାବରେ ରାଉରକେଲା ଫାଇନାଲକୁ ଉନ୍ନିତ ହୋଇଥିବାବେଳେ ଆସନ୍ତା କାଲି ପୁଲ-ବି' ର ଦ୍ୱିତୀୟ କ୍ୱାର୍ଟର ଫାଇନାଲ ମ୍ୟାଚ ଜୁଭେଲାଇନ କଟକ ବନାମ ନିମପୁର କଟକ ମଧ୍ୟରେ ଅନୁଷ୍ଠିତ ହେବ।

## ଜଂଘାଦେବ ମନ୍ଦିରର ପ୍ରତିଷ୍ଠା ଉତ୍ସବ ଉଦ୍‌ଯାପିତ

**କିଶୋରନଗର, ୧୫।୧(ସମିସ):** ଆଠମଲ୍ଲିକ ଉପଖଣ୍ଡ ଆମ୍ବସରମୁଣ୍ଡାଠାରେ ପେନଠାନା ପ୍ରତିଷ୍ଠା ଓ ନବନିର୍ମିତ ଦାରୁ ଦେବତାଙ୍କ ପ୍ରବେଶ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମନ୍ଦିର କମିଟିର ସଭାପତି ତଥା ଆଠମଲ୍ଲିକ ବିଧାୟକ ରମେଶ ଚନ୍ଦ୍ର ସାଏଙ୍କ ଅଧ୍ୟକ୍ଷତାରେ ୩ ଦିନ ଧରି ଚାଲିଥିବା କାର୍ଯ୍ୟକ୍ରମ ଆଜି ଉଦ୍‌ଯାପିତ ହୋଇଯାଇଛି। ଠାକୁରଙ୍କୁ ଯଥାରୀତି ପୂଜାର୍ଚ୍ଚନା କରାଯାଇ ନବନିର୍ମିତ ମନ୍ଦିର ଭିତରକୁ ପ୍ରବେଶ କରିଥିଲେ।



ମନ୍ଦିରକୁ ଆସି ଠାକୁରଙ୍କ ଦର୍ଶନ କରିଥିଲେ ଆଦିବାସୀ ଓ ଆଇନ ମନ୍ତ୍ରୀ ଜଗନ୍ନାଥ ସାରକା, ପୂର୍ବ ମନ୍ତ୍ରୀ ପ୍ରଫୁଲ ମଲ୍ଲିକଙ୍କ ସମେତ ଅନଗୁଳ ବିଧାୟକ, ତାଳଚେର, ପାଲଲହଡା ଓ ଛେଣ୍ଡିପଦା ବିଧାୟକ ଠାକୁରଙ୍କ ଦର୍ଶନ କରିଥିଲେ। ସଭାପରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ସନ୍ଧ୍ୟାରେ ଠାକୁରଙ୍କ ଝଣ୍ଡା ପତାକା ଅବତରଣ କରାଯାଇଥିଲା। ଏଥିରେ ବିଭିନ୍ନ ରାଜ୍ୟ ଓ ଜିଲ୍ଲାର ଗୋଣ୍ଡ ସମାଜ କର୍ମକର୍ତ୍ତା ଉପସ୍ଥିତ ଥିଲେ।

# ଅନୁଗୋଳର ଅନ୍ତର୍ଜାତୀୟ କ୍ରୀଡାବିତ୍ ପ୍ରକାଶ ଗଡ଼ନାୟକ ସମ୍ବର୍ଦ୍ଧିତ

**ଅନୁଗୋଳ, ୧୫।୧(ସମିସ)**



ତାଳଚେର ଠାରେ ଅନୁଷ୍ଠିତ ୨୫ ତମ 'ତାଳଚେର ମହୋତ୍ସବ-୨୦୨୪' (ରୌପ୍ୟ ଜୟନ୍ତୀ) ବଡ ଧୁମଧାମରେ ପାଳିତ ହୋଇଯାଇଛି। ଆନ୍ତର୍ଜାତୀୟ ମାଷ୍ଟର୍ସ କ୍ରୀଡା କ୍ଷେତ୍ରରେ ସ୍ୱର୍ଣ୍ଣପଦକ ହାସଲ କରିଥିବା ଖ୍ୟାତିସମ୍ପନ୍ନ କ୍ରୀଡାବିତ୍ ପ୍ରକାଶ ଗଡ଼ନାୟକଙ୍କୁ ମୁଖ୍ୟଅତିଥି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଦ୍ୱାରା ପୁଷ୍ପଗୁଚ୍ଛ ସହ ଉତ୍ତରୀୟ ଓ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା।

ସୂଚନା ଥାଉକି ଶ୍ରୀ ଗଡ଼ନାୟକ ପିଲାଟି ଦିନରୁ ଖେଳପ୍ରତି ଅତ୍ୟନ୍ତ ଦୁର୍ବଳତା ଥିଲା। ଅନେକ ବିଦ୍ୟାଳୟ ତଥା ମହାବିଦ୍ୟାଳୟରେ ବିଭିନ୍ନ କ୍ରୀଡ଼ାରେ ଅଂଶଗ୍ରହଣ କରି ଅନେକ ମେଡାଲ ପ୍ରାପ୍ତି କରି ସାରିଛନ୍ତି। ପରବର୍ତ୍ତୀ ସମୟରେ ସେ ବାୟୁ ସେନାରେ ଭର୍ତ୍ତି ହୋଇ ମଧ ନିଜର କ୍ରୀଡ଼ା ଅଭ୍ୟାସ ଜାରି ରଖିଥିଲେ। ବାୟୁ ସେନାରେ ରହି ସେ ବିଭିନ୍ନ କ୍ରୀଡ଼ାରେ ଅଂଶ ଗ୍ରହଣ କରି ଅନେକ ସଫଳତା ପାଇ ଉଚ୍ଚସ୍ତରୀୟ ଅଧିକାରୀଙ୍କ ଅତ୍ୟନ୍ତ ପ୍ରିୟଭାଜନ ହେବା ସଙ୍ଗେ ସଙ୍ଗେ ବାୟୁସେନା ପାଇଁ ଅନେକ ପ୍ରଶଂସା ଆଣିଥିଲେ। ଶ୍ରୀ ଗଡ଼ନାୟକ ତାଙ୍କ ଜୀବନ କାଳ ମଧ୍ୟରେ ୧୮୦ରୁ ଅଧିକ ସ୍ୱର୍ଣ୍ଣ, ୧୬୦ରୁ ଅଧିକ ରୌପ୍ୟ ଓ ୧୧୦ରୁ ଅଧିକ ବ୍ରୋଞ୍ଜ ପଦକ ହାସଲ କରିସାରିଛନ୍ତି। ଶ୍ରୀ ଗଡ଼ନାୟକ ମାଷ୍ଟର୍ସ ଆଥଲେଟ ଭାବେ ଯୋଗଦେବା ପରଠାରୁ (୨୦୧୧) କେବଳ ରାଜ୍ୟ ସ୍ତରୀୟ ୨୨ ଟି, ଜାତୀୟ ସ୍ତରୀୟ ୨୨ ଟି ଓ ଆନ୍ତର୍ଜାତୀୟ ସ୍ତରରେ (୧୦ଟି ସ୍ୱର୍ଣ୍ଣ ପଦକ ସହ) ୧୬ଟି ଏମିତି ସର୍ବମୋଟ ୬୦ ଟି ପଦକ ହାସଲ କରିସାରିଛନ୍ତି। ଶ୍ରୀ ଗଡ଼ନାୟକ ବାଂଲାଦେଶ, ଶ୍ରୀଲଙ୍କା, ମାଲେସିଆ, ନେପାଳ ଓ ଭୁଟାନ ଭଳି ଦେଶରେ ଖେଳି ନିଜର ଦମ୍ ଦେଖାଇଛନ୍ତି। ଶ୍ରୀ ଗଡ଼ନାୟକ ଏକାଧାରାରେ ଜଣେ ବାୟୁଯୋଦ୍ଧା, ସମାଜସେବୀ, ଆନ୍ତର୍ଜାତୀୟ କ୍ରୀଡାବିତ୍, କଣ୍ଠଶିଳ୍ପୀ, ବାଦ୍ୟକାର ଓ ଜଣେ ଦୃଢ଼ ସାଇକଲ ଚାଳକ ମଧ।

7th
Death Anniversary
In Loving Memory
"We remember you with Pride and Gratitude.
Your presence remains with us like a Blessing.
We miss your Love, Affection and Guidance.
Your path of Righteousness will continue to inspire us."



Gopal Chandra Mohanty
Ex- Principal Secretary, Law Department, Govt. of Odisha.
Ex- Chairman, State Law Revision Committee.
Fondly Remembered by
Kanak Mohanty
Manoj & Bharati Mohanty, Saroj & Amrapalli Mohanty
Sanjib & Ashru Mohanty
Samikhya, Samyantaka, Anwesha
Staffs and Management of Xpose Advertising
Xpose ADVERTISING
BHUBANESWAR | RAIPUR | KOLKATA

● ନାଧରାରେ ମକରଯାତ୍ରା ଆରମ୍ଭ

# ମନମୋହୁଛି ମିନାବଜାର, ଦୋଳି

ଓଡାପଡା,୧୫।୧(ସସିମ)



ଢେଙ୍କାନାଳ ଜିଲ୍ଲା ଓଡାପଡା ବ୍ଲକ ଅନ୍ତର୍ଗତ ନାଧରାସ୍ଥିତ ବ୍ରାହ୍ମଣୀନଦୀକୂଳରେ ମା'ରାମଚଣ୍ଡୀଙ୍କ ପୀଠରେ ଗତ୧୨ ତାରିଖରୁ ଆରମ୍ଭ ହୋଇଥିବା ବିଶ୍ୱଶାନ୍ତି ଶ୍ରୀବିଷ୍ଣୁ ମହାଯଜ୍ଞର ଆଜି ଉଦ୍‌ଯାପିତ ହୋଇଯାଇଛି। ସେହିପରି ଶ୍ରୀଗୋକନକେଶ୍ୱର ଶୈବପୀଠରେ ଆଜିଠାରୁ ମକରଯାତ୍ରା ଆରମ୍ଭ ହୋଇଛି। ଏହା ଚାରିଦିନ ଧରି ଚାଲିବ। ଏଥିପାଇଁ ସହସ୍ରାଧିକ ଭକ୍ତଙ୍କ ଜନସମାଗମକୁ ଲକ୍ଷ୍ୟକରି ଦେବୋତ୍ତର ବିଭାଗ ପୂର୍ବ ପ୍ରସ୍ତୁତି ଅନୁସାରେ ଢେଙ୍କାନାଳ ପ୍ରଶାସନ, ମୋଟଙ୍ଗା ପୋଲିସ, ଅଗ୍ନିଶମ ବିଭାଗ, ମକରଯାତ୍ରା କମିଟି, ରାମଚଣ୍ଡୀ ମନ୍ଦିର କମିଟି, ନାଧରା ଗ୍ରାମ୍ୟକମିଟି, ନାଧରା ସରପଞ୍ଚ ଓ ସମସ୍ତ ସଭ୍ୟ ଏବଂ ନାଧରା କ୍ଲବର ସମସ୍ତ ସଦସ୍ୟମାନେ ସମସ୍ତେ ସଜାଗ ରହି ଭକ୍ତମାନଙ୍କର ଠାକୁରଙ୍କ ଦର୍ଶନ, ଯାତ୍ରା ବୁଲିବା, ଗାଡି ପାର୍କିଂ ଓ ଯାତାୟତକୁ ନଜର ରଖିଛନ୍ତି। ବିଶେଷ କରି ବ୍ରାହ୍ମଣୀନଦୀର ଆରପାରିରୁ ଯିବାଆସିବା କରୁଥିବା ଭକ୍ତମାନଙ୍କର ସୁରକ୍ଷା ପ୍ରତି ବିଶେଷ ନଜର ରଖିଛନ୍ତି। ଆଜି ମକରସଂକ୍ରାନ୍ତି ଯୋଗୁଁ ଉଭୟ ପୀଠରେ ଦର୍ଶନ ପାଇଁ ଅସମ୍ଭବ ଭିଡ ପରିଲକ୍ଷିତ ହୋଇଛି। ଗୋକନକେଶ୍ୱର ମନ୍ଦିରରେ ସମ୍ମୁଖରେ ଯାତ୍ରାପଡିଆରେ ବିଭିନ୍ନ ମନୋହରୀ, ଆଖୁ, ହରେକମାଲ, ବନ୍ୟଜାତ ଦ୍ରବ୍ୟ, ଟାଟୁ, ପିଲାଙ୍କ ଖେଳଣା, ଦୋଳି, କୃତ୍ରିମ ପୋଖରୀରେ ପିଲାଙ୍କ ନୌକାବିହାର, ଫାଷ୍ଟଫୁଡ, ପିତଳ ଓ ଷ୍ଟିଲସାମଗ୍ରୀ, ଭାଗ୍ୟପରୀକ୍ଷା ଷ୍ଟଲ୍ ମାନଙ୍କରେ ଅସମ୍ଭବ ଭିଡ ଦେଖିବାକୁ ମିଳିଥିଲା।

## ଦଧିବାମନଜୀଉ ମନ୍ଦିର ପରିଦର୍ଶନ କଲେ ମନ୍ତ୍ରୀ



**କାମାକ୍ଷାନଗର,୧୫।୧ (ସମିସ):** କାମାକ୍ଷାନଗର ବିଜ୍ଞାପିତ ଅଞ୍ଚଳ ପରିଷଦ ଅନ୍ତର୍ଗତ ଆଳତୁମା ଗ୍ରାମରେ ଥିବା ଐତିହାସିକ ଦଧିବାମନଜୀଉଙ୍କ ମନ୍ଦିର ପରିଦର୍ଶନ କରିଛନ୍ତି ଖଣି, ଇସ୍ପାତ ଓ ପୂର୍ତ୍ତ ମନ୍ତ୍ରୀ ପ୍ରଫୁଲ୍ଲ କୁମାର ମଲ୍ଲିକ। କାମାକ୍ଷାନଗର ଅଞ୍ଚଳର ସର୍ବପୁରାତନ ଜଗନ୍ନାଥ ମନ୍ଦିର ଦଧିବାମନଜୀଉଙ୍କ ମନ୍ଦିର। ଜନଶ୍ରୁତିରୁ ଜଣାଯାଏ ଏହି ମନ୍ଦିର ପ୍ରାୟ ୫୦୦ ବର୍ଷ ପୁରାତନ। ଚଳିତ ବର୍ଷ ଏହି ଐତିହାସିକ ମନ୍ଦିର ପୁନରୁଦ୍ଧାର ଓ ସୌନ୍ଦର୍ଯ୍ୟକରଣ ପାଇଁ ରାଜ୍ୟ ସରକାର '୫-ଟି' ମାଧ୍ୟମରେ ପ୍ରାୟ ୯ଲକ୍ଷ ଟଙ୍କା ପ୍ରଦାନ କରିଛନ୍ତି। କିପରି ଭାବେ ମନ୍ଦିରର କାର୍ଯ୍ୟ ଚାଲୁରହିଛି ତାହାକୁ ଅନୁଧ୍ୟାନ କରିବା ସହ ଦଧିବାମନଙ୍କ ଦର୍ଶନ କରିଛନ୍ତି ମନ୍ତ୍ରୀ। ଅନ୍ୟମାନଙ୍କ ମଧ୍ୟରେ ବ୍ରହ୍ମାନନ୍ଦ ମହାନ୍ତି, ଧର୍ମାନନ୍ଦ ପରିଡା, ଶକୁନ୍ତଳା ସେଠି, ଆଦିତ୍ୟ କୁମାର ଆଚାର୍ଯ୍ୟ ପ୍ରମୁଖ ଉପସ୍ଥିତ ଥିଲେ।

## ସମନ ପାଇଥିବା ଅଭିଯୁକ୍ତ ଆଗୁଆ ଜାମିନ ଆବେଦନ କରିପାରିବେ: ହାଇକୋର୍ଟ

**କଟକ, ୧୫ ।୧(ସମିସ):** ସିଆରପିସି ଧାରା-୩୧୯ ଅନୁସାରେ ଅଦାଲତ ଦ୍ୱାରା ଅଭିଯୁକ୍ତ ଭାବେ ପକ୍ଷଭୁକ୍ତ ହୋଇ ସମନ ପାଇଥିବା ବ୍ୟକ୍ତି ଆଗୁଆ ଜାମିନ ଆବେଦନ କରିପାରିପାରିବେ ବୋଲି ହାଇକୋର୍ଟ ସ୍ପଷ୍ଟ କରିଛନ୍ତି। ସିଆରପିସିର ଧାରା ୪୩୮ ଅନୁସାରେ ଏହି ଆଗୁଆ ଜାମିନ ଆବେଦନ କରାଯାଇପାରିବ ବୋଲି ହାଇକୋର୍ଟ ଗୁରୁତ୍ୱପୂର୍ଣ୍ଣ ରାୟ ଦେଇଛନ୍ତି। ଏକ ହତ୍ୟା ମାମଲାରେ ଅଭିଯୁକ୍ତ ଭାବେ ନିମ୍ନ ଅଦାଲତ ଦ୍ୱାରା ପକ୍ଷଭୁକ୍ତ ହୋଇଥିବା ଝରୁ ନାୟକ ଓ ଅନ୍ୟ ମାନଙ୍କ ପକ୍ଷରୁ ଦାୟର ଆଗୁଆ ଜାମିନ ଆବେଦନର ଶୁଣାଣି କରି ଜଷ୍ଟିସ ଶଶୀକାନ୍ତ ମିଶ୍ର ଏପରି ନିର୍ଦ୍ଦେଶ ଦେଇଛନ୍ତି। ସିଆରପିସି ଧାରା ୩୧୯ (୩) ଅନୁସାରେ ଅଧିକ ଅନୁସନ୍ଧାନ କିମ୍ବା ବିଚାର ପାଇଁ ପକ୍ଷଭୁକ୍ତ ହୋଇଥିବା ବ୍ୟକ୍ତିଙ୍କୁ ଅଟକ ରଖିବା କ୍ଷମତା ନିମ୍ନ ଅଦାଲତର ରହିଛି। ଯାହା ଦ୍ୱାରା ସମ୍ପୃକ୍ତ ବ୍ୟକ୍ତିଗିରଫ ହେବା ସମ୍ଭବନା ଥିବାରୁ ତାର ସ୍ୱାଧିନତା ହରାଇବା ନେଇ ଆଶଙ୍କା ପ୍ରକାଶ ପାଇଥାଏ। ଏଣୁ ଏକ୍ଷେତ୍ରରେ ସମ୍ପୃକ୍ତ ଅଭିଯୁକ୍ତ ଆଗୁଆ ଜାମିନ ଲୋଡ଼ିପାରିବେ ବୋଲି ହାଇକୋର୍ଟ ସ୍ପଷ୍ଟ କରିଛନ୍ତି। ଏଥିସହିତ ସମ୍ପୃକ୍ତ ଅଭିଯୁକ୍ତ ଆବେଦନକାରୀ ନିମ୍ନ ଅଦାଲତରେ ହାଜର ହୋଇ ଜାମିନ ପାଇଁ ଆବେଦନ କରିବେ ଓ ନିମ୍ନ ଅଦାଲତ ତାଙ୍କୁ ସର୍ତ୍ତମୂଳକ ଜାମିନ ଦେବେ ବୋଲି ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ମାମଲାରୁ ପ୍ରକାଶ ଯେ ଅନୁଗୁଳ ସଦର ଥାନାରେ ବେଣ୍ଟପୁର ଗ୍ରାମର ଭୀମସେନ ନାୟକ ନାମକ ଜଣେ ବ୍ୟକ୍ତି ତାଙ୍କ ଭାଇଙ୍କୁ ହତ୍ୟା କରାଯାଇଥିବା ନେଇ ଅଭିଯୋଗ କରିଥିଲେ। ଏତଲା ଆଧାରରେ ଅଭିଯୁକ୍ତଙ୍କ ବିରୋଧରେ ପୁଲିସ ଚାର୍ଜସିଟ ଦାଖଲ କରିଥିଲା। କିନ୍ତୁ ପରେ ଅଭିଯୋଗକାରୀ ଏହି ମାମଲାରେ ଝରୁ ନାୟକ ଓ ଆଉ କେତେଜଣଙ୍କ ସମ୍ପୃକ୍ତି ଥିବା ଦର୍ଶାଇ ସେମାନଙ୍କୁ ପକ୍ଷଭୁକ୍ତ କରିବାକୁ ଆବେଦନ କରିଥିଲେ। ନିମ୍ନ ଅଦାଲତ ସେମାନଙ୍କୁ ପକ୍ଷଭୁକ୍ତ କରିବା ସହ ସମନ ଜାରି କରିଥିଲେ।ଏହାପରେ ସେମାନେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ।

## ଐତିହ୍ୟ ମଉଳାଭଣଜା ପୀଠରେ ଶ୍ରଦ୍ଧାଳୁଙ୍କ ଭିଡ଼

● ସିନ୍ଦୁର ଲଗାଇଲେ ପୂରଣ ହୁଏ ମାନସିକ



**କାମାକ୍ଷାନଗର,୧୫।୧(ସମିସ):** ଢେଙ୍କାନାଳ ଜିଲ୍ଲା ଭୁବନ ବ୍ଲକ ମଠକରଗୋଳା ଗାଁର ରହିଛି କିମ୍ବଦନ୍ତୀ ସମ୍ପନ୍ନ ମଉଳା ଭଣଜା ପୀଠ। ଇତିହାସର ଫର୍ଦ୍ଦରେ ଲିପିବଦ୍ଧ ହୋଇ ରହିଛି ଏହି ପୀଠରେ ଐତିହ୍ୟ ଓ ମାହାତ୍ମ୍ୟ। ମାମୁଁ-ଭଣଜା ବିବାହ କରି ଫେରିବା ବାଟରେ ଏକାଠି ଭେଟ ହୋଇଥିଲେ ଏବଂ ସାଥିରେ ଥିବା ବରଯାତ୍ରୀ, ଘୋଡା, ହାତୀ, ପଲଙ୍କ ସବୁ କିଛି ଏହି ସ୍ଥାନରେ ପଥର ପାହାଡ଼ ପାଲଟିଯିବାର କିମ୍ବଦନ୍ତୀ ଆଜିବି ଐତିହ୍ୟର ସ୍ମୃତିଚାରଣ କରୁଛି। ପ୍ରତିବର୍ଷ ମକର ସଂକ୍ରାନ୍ତିରେ ଏହି ପୀଠ ଚଳଚଞ୍ଚଳ ହୋଇଉଠେ। ସବୁଠାରୁ ରୋଚକ ତଥ୍ୟ ହେଉଛି ଯେ, ଗୁମ୍ଫା ନିକଟରେ ଥିବା ପଥର ପାହାଡ଼ରେ ଯିଏ ସିନ୍ଦୁର ଲଗାଇ ମାନସିକ ରଖେ ତାହା ପୂରଣ ହୋଇଥାଏ। କୁହାଯାଏ ସେହି ପଥର ପ୍ରତିବର୍ଷ ବଢ଼ିବାରେ ଲାଗିଛି, ଯାହା ଆଜି ବିଶାଳକାୟ ପାହାଡ଼ ହୋଇ ଛିଡା ହୋଇଛି। ପ୍ରତିବର୍ଷ ମଠକରଗୋଳା ଗ୍ରାମବାସୀଙ୍କ ପକ୍ଷରୁ ଏହି ଠାରେ ବଡ଼ ଯାତ୍ରାର ଆୟୋଜନ ହୋଇଥାଏ।

## ସିଦ୍ଧରାମଚଣ୍ଡୀରେ ମକର ମେଳା

**ଗଁଦିଆ,୧୫।୧(ସମିସ):** ଗଁଦିଆ ବ୍ଲକ ଖଣ୍ଡବନ୍ଧ ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ପୁରୁଣାଅମାଙ୍ଗ ଗ୍ରାମର ପବିତ୍ର ବ୍ରାହ୍ମଣୀ ନଦୀ କୂଳରେ ପୂଜିତ ମା'ସିଦ୍ଧ ରାମଚଣ୍ଡୀ ପୀଠରେ ମକରମେଳା ଓ ବିଶ୍ୱଶାନ୍ତି ମହାଯଜ୍ଞ ଆରମ୍ଭ ହୋଇଛି। ୧୨ ତାରିଖ ଅଙ୍କୁରାରୋପଣ ୧୩ ତାରିଖ ରେ ଅଙ୍କୁରପୂଜନ ୧୪ରେ କଳସ ଶୋଭାଯାତ୍ରାରେ ଗ୍ରାମର ଶତାଧିକ ମହିଳା ଓ ପୁରୁଷ ବ୍ରାହ୍ମଣୀ ନଦୀରୁ ଜଳକଳସି ଆଣି ମା'ଙ୍କ ପୀଠରେ ସ୍ଥାପନ କରିଥିଲେ। ୧୫ତାରିଖ ପ୍ରାତଃରେ ବ୍ରାହ୍ମଣୀ ନଦୀ ଜଳରେ ବୁଡ଼ ପ୍ରଦାନ ଓ ପୂର୍ଣ୍ଣଆହୁତି ଚଣ୍ଡୀପାଠ ଆଦି ଅନୁଷ୍ଠିତ ହୋଇଛି। ଆଜି ପ୍ରାତଃରୁ ମା'ଙ୍କ ପୀଠରେ ଗହଳି ଦେଖିବାକୁ ମିଳିଥିଲା। ମେଳାକୁ ଆକର୍ଷଣୀୟ କରୁଛି ମିନାବଜାର ଠାରୁ ଆରମ୍ଭ କରି ବିଭିନ୍ନ ଆକର୍ଷଣୀୟ ତୋରଣ ଓ ଅପେରା।



## ବଣଚଣ୍ଡୀ ପୀଠରେ ୧୦ ହଜାରରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁ

**ଭୁବନ,୧୫।୧(ସମିସ):** ଭୁବନ ସହରର ଅନତି ଦୂରରେ ଭରତି ପାହାଡ ପାଦଦେଶରେ ଅବସ୍ଥିତ ସିଦ୍ଧ ରାମଚଣ୍ଡୀ (ବଣ ଚଣ୍ଡୀ) ପୀଠରେ ପ୍ରସିଦ୍ଧ ମକର ମେଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ ପ୍ରାୟ ୧୦ ହଜାରରୁ ଉଦ୍ଧ୍ୱର୍ ଶ୍ରଦ୍ଧାଳୁ ମା' ବଣଚଣ୍ଡୀଙ୍କୁ ଦର୍ଶନ କରି ଭରତୀ ପାହାଡ ଚଢ଼ିଥିଲେ। ପ୍ରାତଃ ସମୟରୁ ରୀତିନୀତି ଅନୁଯାୟୀ ମା'ଙ୍କ ପୂଜାର୍ଚ୍ଚନା କରାଯାଇ ମକର ଚାଉଳ ଲାଗି କରାଯିବା ସହ ମଧ୍ୟାହ୍ନରେ ହୋମଯଜ୍ଞ ଅନୁଷ୍ଠିତ ହୋଇଥିଲା। ପରେ ଶତାଧିକ ଭକ୍ତ ସାମୂହିକ ପ୍ରସାଦ ସେବନ କରିଥିଲେ। ଅନୁରୂପ ଭାବେ ଭୁବନର ବୁଦ୍ଧେଶ୍ୱର ମନ୍ଦିର, ଦକ୍ଷିଣ କାଳୀ ମନ୍ଦିର , ଜଗନ୍ନାଥ ମନ୍ଦିର, କାଶୀ ବିଶ୍ୱନାଥ ମନ୍ଦିର, ବାଟ ତାରିଣୀ, ବାଟ ମଙ୍ଗଳା, ହନୁମାନ ମନ୍ଦିର, ମା ବଣୀଜାରୀ, ଅରସାହି ସ୍ଥିତ ମା' ସିଦ୍ଧ ରାମଚଣ୍ଡୀଙ୍କ ପୀଠରେ ମକର ମେଳା ଅନୁଷ୍ଠିତ ହୋଇଯାଇଛି। ଭୁବନ ବ୍ଲକ ଅନ୍ତର୍ଗତ ବାରୁଆଁ ମଙ୍ଗଳା ମନ୍ଦିର, ଓଡ଼ିଶା ପଞ୍ଚାୟତର ବ୍ରହ୍ମକୁଣ୍ଡ ଓ ଧଳପଡ଼ା ପଞ୍ଚାୟତ ଅନଳଠାରେ ପ୍ରସିଦ୍ଧ ମକର ମେଳା ଓ ଟୁସୁ ପର୍ବ ପାଳିତ ହୋଇଯାଇଛି।

## ମା' ମାଳିଆମୁଣ୍ଡାଙ୍କ ମକର ମେଳା

**ମାର୍ଥାପୁର,୧୫।୧(ସମିସ):** ଭୁବନ ବ୍ଲକ ଦୀଘି ପଞ୍ଚାୟତ ମୁଗୁପଦା ଗ୍ରାମର ମା' ମାଳିଆ ମୁଣ୍ଡାଙ୍କ ପାଖରେ ମକରମେଳା ଅନୁଷ୍ଠିତ ହୋଇଯାଇଛି। ଆଜି ପ୍ରାତଃରୁ ମା'ଙ୍କ ଦର୍ଶନ ପାଇଁ ଶ୍ରଦ୍ଧାଳୁଙ୍କ ଭିଡ ଦେଖିବାକୁ ମିଳିଥିଲା। ଯମୁନାକୋଟ୍-ପଣ୍ଡୁଆ ପୂର୍ତ୍ତ ବିଭାଗ ରାସ୍ତା ପାର୍ଶ୍ୱରେ ପୂଜା ପାଉଥିବାରୁ ମା'ଙ୍କୁ ମୁଣ୍ଡିଆ ମାରି ମାନସିକ ରଖିଲେ ପୂରଣ ହେଉଥିବା ବିଶ୍ୱାସ ରହିଛି। ପ୍ରତିବର୍ଷ ମକର ସଂକ୍ରାନ୍ତି ଦିନ ହଜାର ହଜାର ଲୋକଙ୍କ ଭିଡ ହେଉଥିବାରୁ କାମାକ୍ଷନଗର ପୁଲିସ୍ ପକ୍ଷରୁ ଶାନ୍ତି ଶୃଙ୍ଖଳାର ସହ ଦର୍ଶନ ପାଇଁ ବ୍ୟାପକ ବ୍ୟବସ୍ଥା କରାଯାଇଛି। ପୂଜା କମିଟି ପକ୍ଷରୁ ଶ୍ରଦ୍ଧାଳୁଙ୍କ ପାଇଁ ପ୍ରସାଦ ସେବନ ସହ ସନ୍ଧ୍ୟାରେ ଭଜନ ସଂଧ୍ୟା, ଦଣ୍ଡନୃତ୍ୟ ଆୟୋଜନ ହୋଇଛି। ପୂଜା କମିଟିର ସଭାପତି ନିର୍ମଳ ରାଉତ, ସମ୍ପାଦକ ଜଗବନ୍ଧୁ ମାଝୀ ଓ ଗଗନ ମହାନ୍ତି ତତ୍ତ୍ୱାବଧାନରେ କମିଟର ସମସ୍ତ ସଦସ୍ୟ ଓ ଗ୍ରାମବାସୀ ସହଯୋଗ କରୁଛନ୍ତି।

● ଆଇଆଇଏମ୍‌ସିରେ ସାମ୍ବାଦିକତା ପାଠ୍ୟକ୍ରମ ପାଇଁ ନାମଲେଖା ପ୍ରକ୍ରିୟା ଆରମ୍ଭ

## ଆବେଦନର ଶେଷ ତାରିଖ ଜାନୁଆରୀ ୨୪

**ଢେଙ୍କାନାଳ,୧୫।୧(ସମିସ):** ଭାରତୀୟ ଜନ ସଞ୍ଚାର ସଂସ୍ଥାନ (ଆଇଆଇଏମ୍‌ସି) ରେ ଇଂରାଜୀ ସମେତ ଓଡ଼ିଆ, ଉର୍ଦ୍ଦୁର୍, ମରାଠୀ ଓ ମାଲାୟଲମ ସାମ୍ବାଦିକତାରେ ସ୍ନାତକୋତ୍ତର ଡିପ୍ଲୋମା ପାଠ୍ୟକ୍ରମରେ ନାମଲେଖା ପାଇଁ ଆବେଦନ ପ୍ରକ୍ରିୟା ଆରମ୍ଭ ହୋଇଛି। ୨୦୨୪-୨୫ ଶିକ୍ଷା ବର୍ଷରେ ଇଂରାଜୀ ସାମ୍ବାଦିକତାରେ ନାମଲେଖା ପାଇଁ ଇଚ୍ଛୁକ ଶିକ୍ଷାର୍ଥୀମାନେ ଜାନୁଆରୀ ୨୪ ତାରିଖ ସୁଦ୍ଧା ଅନ୍‌ଲାଇନ୍‌ରେ ଆବେଦନ କରିପାରିବେ। ଇଂରାଜୀ ସାମ୍ବାଦିକତାରେ ସ୍ନାତକୋତ୍ତର ପାଠ୍ୟକ୍ରମରେ ନାମଲେଖାର ସୂଚନା ପୁସ୍ତିକା ଓ ଅନ୍‌ଲାଇନ ଆବେଦନ ଫର୍ମ https://pgcuet.samarth.ac.inରେ ଉପଲବ୍ଧ ଅଛି। ସେହିପରି ଓଡିଆ, ଉର୍ଦ୍ଦୁ, ମରାଠୀ ଓ ମାଲାୟଲମ ସାମ୍ବାଦିକତାରେ ସ୍ନାତକୋତ୍ତର ଡିପ୍ଲୋମା ପାଠ୍ୟକ୍ରମରେ ନାମଲେଖା ପାଇଁ ଆବେଦନ ଫର୍ମ ଖୁବ୍‌ଶୀଘ୍ର ଆଇଆଇଏମ୍‌ସିର ୱେବ୍‌ସାଇଟ୍ www.iimc.gov.inରେ ଉପଲବ୍ଧ ହେବ ବୋଲି ସଂସ୍ଥାନ ପକ୍ଷରୁ କୁହାଯାଇଛି।



## ବିଭିନ୍ନ ପଞ୍ଚାୟତରେ ବୁଲିଲା ଅର୍ପଣ ରଥ



**ଏରସମା, ୧୫।୧ (ସମିସ):** ଏରସମା ବ୍ଲକର ବିଭିନ୍ନ ପଞ୍ଚାୟତରେ ୭ ତାରିଖରୁ ଜୟ ଜଗନ୍ନାଥଙ୍କ ଅର୍ପଣ ରଥ ପରିକ୍ରମା କରୁଛି । ଏହି ଅର୍ପଣ ରଥ ଏରସମା ବ୍ଲକ ନାରଦିଆ ପଞ୍ଚାୟତର ଗ୍ରାମେଶ୍ୱର ମହାଦେବଙ୍କ ମନ୍ଦିର ସମ୍ମୁଖରୁ ପରିକ୍ରମା ଆରମ୍ଭ କରିଥିବା ବେଳେ ସରପଞ୍ଚ ସିମାଇ ଭୋଳ, ସମିତି ସଭ୍ୟ ପ୍ରଫୁଲ୍ଲ ପାଳ, କାର୍ଯ୍ୟନିର୍ବାହ ଅଧିକାରୀ ତପନ ଚୌଧୁରୀ, ଜିଆର୍‌ଏସ ସାରଥୀ ଲେଙ୍କା, ଏମ୍‌ବିକେ ସସ୍ମିତା ସ୍ୱାଇଁଙ୍କ ସହିତ ସମସ୍ତ ସିଆର୍‌ପି, ୧୪ୱାର୍ଡ ସଭ୍ୟ ସଭ୍ୟା, ଇସି ସଭ୍ୟାମାନେ ଉପସ୍ଥିତ ହୋଇ ବିଶାଳ ଶୋଭାଯାତ୍ରାରେ ରଥ ପରିକ୍ରମା କରାଇଥିଲେ । ଏହି କାର୍ଯ୍ୟକ୍ରମ ଉଦ୍‌ଯାପିତ ହୋଇଯାଇଛି ।ମଣିଜଙ୍ଗା: ତିର୍ତ୍ତୋଲ ବ୍ଲକ ଜଡତିରା ପଞ୍ଚାୟତରେ ଅର୍ପଣ ରଥ ପରିକ୍ରମା କରାଯାଇ ଗୁଆ, ଅକ୍ଷତ ସଂଗ୍ରହ କରାଯାଇଛି । ପ୍ରଥମେ ଜଡତିରା ପଞ୍ଚାୟତ ଅଫିସ୍‌ଠାରେ ସରପଞ୍ଚ ଶିବ ପ୍ରସାଦ ସାହୁଙ୍କ ନେତୃତ୍ୱରେ ଏହାର ଶୁଭାରମ୍ଭ ହୋଇଥିଲା । ପଞ୍ଚାୟତର ସମସ୍ତ ୱାର୍ଡ, ଜଡତିରା, ପଞ୍ଚେଇ, ବନ୍ଧବାଟି ବୁଲିଥିଲା ଅର୍ପଣ ରଥ । ଗ୍ରାମ ଠାକୁରାଣୀଙ୍କ ନିକଟରେ ଠାକୁରଙ୍କ ନିକଟରେ ରଥ ପରିକ୍ରମା ଶେଷ ହୋଇଥିଲା ।

## ଏସ୍‌ଏନ୍ କଲେଜରେ ମକର ମିଳନ



**ରାଜକନିକା, ୧୫।୧(ସମିସ):** ରାଜକନିକାର ପ୍ରତିଷ୍ଠିତ ଏସ୍‌ଏନ୍ କଲେଜ ୧୯୯୪ ସ୍ନାତକ ବ୍ୟାଚର ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ମକର ମିଳନ ଅନୁଷ୍ଠିତ ହୋଇଯାଇଛି । ରାଜକନିକାର ଏହି ଶିକ୍ଷାନୁଷ୍ଠାନରେ ୧୯୯୪ ମସିହାର ପ୍ରଥମ ଥର ପାଇ ଅନର୍ସ ଓ ଶିକ୍ଷା ବିଭାଗ ପାଠ୍ୟକ୍ରମ ଖୋଲିଥିବାରୁ ଏହି ବ୍ୟାଚର ଛାତ୍ରଛାତ୍ରୀମାନେ ନିଜକୁ ରାଜନୀତି ବିଜ୍ଞାନ ଓ ଇତିହାସ ବିଭାଗରେ ସମ୍ମାନ ପାଠ୍ୟକ୍ରମ ନେଇ ପଢ଼ିବାର ସୁଯୋଗ ପାଇଥିଲେ । ପବିତ୍ର ମକର ସଂକ୍ରାନ୍ତି ଅବବ୍ୟହିତ ପୂର୍ବରୁ ଏହି ବ୍ୟାଚର ଛାତ୍ର ଛାତ୍ରୀଙ୍କ ମଧ୍ୟରେ ବନ୍ଧୁମିଳନ କରାଯାଇଥିଲା । କନିକା ରାଜବାଟୀ ପରିସରରେ ସାମ୍ବାଦିକ ସୁକାନ୍ତ ଦାଶଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ରମେଶ ଚନ୍ଦ୍ର ନନ୍ଦ, ଶରତ କୁମାର ବିଶ୍ୱାଳ, ସୁଶାନ୍ତ ବିଶ୍ୱାଳ, ସ୍ୱପ୍ନାରାଣୀ ବେହେରା, ସ୍ନେହଲତା ନାୟକ, ଦୈତାରୀ ବାରିକ, ପ୍ରଭାତ ସାହୁ, ପ୍ରମୋଦ ରାଉତ, ବୈକୁଣ୍ଠ ନାଥ ନାୟକ, ନରୋତ୍ତମ ପଲାଇ, ଅମର ମହାରଣା, ଗଙ୍ଗାଧର ବେହେରା, ବିଜୟ ବିଶ୍ୱାଳ, ଶିବପ୍ରସାଦ ମଲିକ, ଧନେଶ୍ୱର ସାହୁ ପ୍ରମୁଖ ଉପସ୍ଥିତ ଥିଲେ ।

## ମିଶନ ଶକ୍ତି ଗୃହ ଉଦ୍‌ଘାଟିତ



**ଡେରାବିଶ, ୧୫।୧(ସମିସ):** ଡେରାବିଶ ବ୍ଲକ ଇନ୍ଦାଲୋ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଆଜି ପଞ୍ଚାୟତ ମିଶନ ଶକ୍ତି ଗୃହ ଉଦ୍‌ଘାଟିତ ହୋଇଯାଇଛି । ଇନ୍ଦାଲୋ ପଞ୍ଚାୟତ ମହାସଂଘ ସଭାପତି ପ୍ରତୀମା ସାମନ୍ତରାୟଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବିଜେଡି ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ସଞ୍ଜୟ ଅଗ୍ରୱାଲ ଯୋଗଦେଇ ଆନୁଷ୍ଠାନିକ ଭାବେ ଏହି ଗୃହକୁ ଉଦ୍‌ଘାଟନ କରିଥିଲେ । ଏ ଉପଲକ୍ଷେ ଆୟୋଜିତ ଉଦ୍‌ଘାଟନୀ ସଭାରେ ବିଡିଓ ଦାଶରଥୀ ଜେନା ମୁଖ୍ୟବକ୍ତା ଭାବେ ଯୋଗଦେଇ ସ୍ୱୟଂ ସହାୟିକା ଗୋଷ୍ଠୀ ମହିଳାଙ୍କ ପାଇଁ ନିର୍ମିତ ଏହି ଗୃହଟି ସେମାନଙ୍କ ପଞ୍ଚାୟତ ମହାସଂଘର ମୁଖ୍ୟ କାର୍ଯ୍ୟାଳୟ ହେବା ସହ ସେମାନଙ୍କ ସଭାସମିତି ଓ ଦାପ୍ତରିକ କାର୍ଯ୍ୟ ପାଇଁ ଏହା ସହାୟକ ହେବ ବୋଲି କହିଥିଲେ । ଏହି ସଭାରେ ସମ୍ମାନିତ ଅତିଥି ଭାବେ ପଞ୍ଚାୟତର ପୂର୍ବତନ ସରପଞ୍ଚ ଅଶ୍ୱିନୀ ମହାନ୍ତି, ଯୋଗାନନ୍ଦ ମହାନ୍ତି, ସମାଜସେବୀ ରଜତ ବଳ, ଓଡ଼ିଶା ମୋ ପରିବାରର ସଂଯୋଜକ ରଶ୍ମୀରଞ୍ଜନ ପ୍ରଧାନ, ସମବାୟବିତ୍ ସୁଧାଂଶୁ ସାମନ୍ତରାୟ, ସରପଞ୍ଚ ଜ୍ୟୋତ୍ସ୍ନାମୟୀ ବେହେରା, ବ୍ଲକ ମିଶନଶକ୍ତିର ରତିକାନ୍ତ ପଟ୍ଟନାୟକ, ବିପିଏମ୍ ହିମାଂଶୁ ଭଦ୍ର ପ୍ରମୁଖ ଯୋଗ ଦେଇଥିଲେ । ଏହି କାର୍ଯ୍ୟକ୍ରମକୁ ପଞ୍ଚାୟତ ମହାସଂଘ ସମ୍ପାଦିକା ରୁନାରାଣୀ ପଣ୍ଡା, ଏମବିକେ ମେନକା ଜେନାଙ୍କ ସମେତ ପଞ୍ଚାୟତର ସମସ୍ତ ସିଆରପି ଓ ସ୍ୱୟଂ ସହାୟିକା ଗୋଷ୍ଠୀ ସଦସ୍ୟା ସହଯୋଗ କରିଥିଲେ ।

## ମା’ ତାରିଣୀଙ୍କ ପ୍ରତିଷ୍ଠା ଉତ୍ସବ

ପଞ୍ଚୁପାଣ୍ଡବ, ୧୫।୧(ସମିସ): ଡେରାବିଶ ବ୍ଲକ ଚାଟରାଚକଡ଼ା ପଞ୍ଚାୟତର ଫକୀରାବାଦ ଗ୍ରାମରେ ଥିବା ତାରିଣୀ ମନ୍ଦିରରେ ମା’ଙ୍କ ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଆଜି ମକର ସଂକ୍ରାନ୍ତିରେ ଯଜ୍ଞ କରାଯାଇଥିଲା । ପୂଜକ ରମାକାନ୍ତ ମିଶ୍ର ଓ ମୀନକେତନ ମିଶ୍ର ପୂଜା କାର୍ଯ୍ୟ ସମ୍ପାଦନ କରିଥିଲେ । ଗ୍ରାମବାସୀଙ୍କ ପକ୍ଷରୁ ଏହି କାର୍ଯ୍ୟକ୍ରମକୁ ନିରଞ୍ଜନ କର, ହେମନ୍ତ ନାୟକ, କୃଷ୍ଣଚନ୍ଦ୍ର ସାହୁ, କ୍ଷୀରୋଦ ନାୟକ ଓ ଶରତ ରାଉତ ପରିଚାଳନା କରିଥିଲେ ।

### ପୁରୁଷୋତ୍ତମପୁର ଗୋ-ବାତ୍ୟା ଆଶ୍ରୟସ୍ଥଳ ଜରାଜୀର୍ଣ୍ଣ

# ଛାତ୍ରଛାତ୍ରୀଙ୍କ ପାଇଁ ପାଲଟିଛି ବିପଦ

**ଡେରାବିଶ, ୧୫।୧(ସମିସ)**

ଲୁଣା-କରାଣ୍ଡିଆ ଦ୍ୱୀପାଞ୍ଚଳରେ ତିନୋଟି ବ୍ଲକର ୨୫ରୁ ଊର୍ଦ୍ଧ୍ୱ ଗାଁ ରହିଛି । ଏହି ଅଞ୍ଚଳଟି ଦୁଇଟି ନଦୀ ଘେରରେ ରହିଥିବା ଓ ଗମନାଗମନ ସୁବିଧା ନ ଥିବାବେଳେ ପ୍ରତିବର୍ଷ ବନ୍ୟା ଓ ବାତ୍ୟା ଏହି ଦ୍ୱୀପାଞ୍ଚଳବାସୀଙ୍କ ଚିର ସହଚର ହୋଇରହିଛି । ବର୍ଷା ଆରମ୍ଭରୁ ଲୁଣା ଓ କରାଣ୍ଡିଆର ବନ୍ୟାରେ ଏହି ଦ୍ୱୀପାଞ୍ଚଳର ଚାଷଜମି ସମେତ ଗାଁ ଗଣ୍ଡାରେ ବନ୍ୟାପାଣି ଭରିଯାଏ । ଲୋକମାନେ ବନ୍ୟାରୁ ରକ୍ଷା ପାଇବା ପାଇଁ ଉଚ୍ଚସ୍ଥାନକୁ ଯାଉଥିବାବେଳେ ଏଥିରେ ଗୃହପାଳିତ ପଶୁ ବିଶେଷ ଅସୁବିଧା ଭୋଗ କରିଥାନ୍ତି । ସମସ୍ତ ଚାରଣ ଜମି ବନ୍ୟାପାଣି ପ୍ଲାବିତ ହେବା ଯୋଗୁଁ ସେମାନେ ଖାଇବା ପାଇଁ ଖାଦ୍ୟ ସଙ୍କଟ ଦେଖାଦେଇଥିଏ । ଏହି ସମୟରେ ଗ୍ରାମର ଗୃହପାଳିତ ପଶୁଙ୍କୁ ନିରାପଦରେ ରଖିବା ପାଇଁ ସରକାର ୧୯୯୭ରେ ଏହି ଦ୍ୱୀପାଞ୍ଚଳର ଡେରାବିଶ ବ୍ଲକ ଇନ୍ଦାଲୋ



ପଞ୍ଚାୟତ ଅନ୍ତର୍ଗତ ପୁରୁଷୋତ୍ତମପୁର ଗ୍ରାମରେ ଗୋ ଆଶ୍ରୟସ୍ଥଳ ନିର୍ମାଣ କରିଥଲେ । ଏବେ ଏହି ଆଶ୍ରୟ ସ୍ଥଳ ଜରାଜୀର୍ଣ୍ଣ ଅବସ୍ଥାରେ । ଫଳରେ ଏହା ନିକଟରେ ଥିବା ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ପାଇଁ ବିପଦ ପାଲଟିଛି । ଏହାର ମରାମତି କରାଯିବାକୁ ସାଧାରଣରେ ଦାବି ହେଉଛି ।

୧୧୯୭ରେ ନିର୍ମିତ ଆଶ୍ରୟ ସ୍ଥଳ ଗୋରୁଗାଇଙ୍କ କାର୍ଯ୍ୟରେ ଲାଗୁଥିଲା । ଏହି ଆଶ୍ରୟସ୍ଥଳଟି ରକ୍ଷଣାବେକ୍ଷଣ ଅଭାବରୁ କ୍ରମଶଃ ଏବେ ଦୁର୍ବଳ ଓ ବିପଦସଙ୍କୁଳ ହୋଇପଡ଼ିଛି । ଏହି ଘରର ଛତରୁ ସିମେଣ୍ଟ ଢଳେଇ ଖସୁଥିବାବେଳେ କାନ୍ଥରୁ ଇଟା ଭାଙ୍ଗିବା ଦେଖାଗଲାଣି । ଯେଉଁଥିପାଇଁ ଲୋକମାନେ ଏହାକୁ ବ୍ୟବହାର କରୁନାହାଁନ୍ତି ।

ତେବେ ଏହା ନିକଟରେ ପୁରୁଷୋତ୍ତମପୁର ପ୍ରାଥମିକ ବିଦ୍ୟାଳୟ ରହିଥିବାବେଳେ କୋମଳମତି ଛାତ୍ରଛାତ୍ରୀ ଏହା ନିକଟରେ ଚଳପ୍ରଚଳ ଓ ଖେଳକୁଦ କରିଥା’ନ୍ତି । ଫଳରେ ଏହି ଆଶ୍ରୟ ସ୍ଥଳ ସେମାନଙ୍କ ପାଇଁ ବିପଦ ଭାବେ ଉଭା ହୋଇଛି । କେତେବେହଳେ ଦୁର୍ଘଟଣା ନ ଘଟିବ କହିହେବ ନାହିଁ । ଏବେ ପଞ୍ଚାୟତରେ ସମସ୍ତ କୋଠାବାଡ଼ି ଦାୟିତ୍ୱ ପଞ୍ଚାୟତ ଅଧୀନକୁ ଯାଇଥିବାରୁ ସରପଞ୍ଚ ଏଥିପ୍ରତି ଦୃଷ୍ଟିଦେଇ ଆବଶ୍ୟକ ଅର୍ଥ ବ୍ୟୟବରାଦ କରି ତୁରନ୍ତ ମରାମତି କରିବା ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି ।

## ମଦ ଜବତ; ୩ କୋର୍ଟ ଚାଲାଣ

**ପାରାଦୀପ, ୧୫।୧(ସମିସ):** ପାରାଦୀପ ଲକଥାନା ଅଞ୍ଚଳରେ ଚୋରା ମଦ ବିକ୍ରି କରୁଥିବା ଅଭିଯୋଗରେ ୩ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି ଲକ୍ ଥାନା ପୁଲିସ । ସେମାନେ ହେଲେ କତକୁଲାର ତୁଷାର କାନ୍ତ ବେହେରା, ଜଗତସିଂହପୁର ଜିଲ୍ଲା ମାଛଗାଁର ଦୋଛକିରେ ରହୁଥିବା କ୍ଷୀରୋଦ ସ୍ୱାଇଁ ଓ ସୁକୁଆଖଳା ଅଞ୍ଚଳରେ ରହୁଥିବା ପ୍ରେମାନନ୍ଦ ବେହେରା । ସେମାନଙ୍କଠାରୁ ୧୫ ଲିଟର ଦେଶୀ ମଦ ଜବତ ହୋଇଛି । ରବିବାର ଅଭୟଚାନ୍ଦପୁର ଥାନା ଏଲ୍‌ଆଣ୍ଡଟି କଲୋନୀ ପଛପାଖରେ ଥିବା ଏକ ମୋବାଇଲ ଦୋକାନରେ ଚୋରା ମଦ ବିକ୍ରି ହେଉଥିବା ଖବର ପାଇ ଏରସମା ଥାନା ଓଲରା ପଦ୍ମପୁରର ପ୍ରକାଶ ସାହୁ ଦୋକାନ ମାଲିକକୁ ପୋଲିସ ଗିରଫ କରି ୩.୮୭୦ ଲିଟର ବିଦେଶୀ ମଦ ଜବତ ହୋଇଛି । ବଗଦିଆ-ଡାଳିମ୍ବପୁର ନାଳ ବନ୍ଧ ରାସ୍ତା ନିକଟରୁ କୁଜଙ୍ଗ ଥାନା ବୋରିକି ଗ୍ରାମର ସନ୍ତୋଷ ସାହୁକୁ ଗିରଫ କରାଯାଇ ୩.୨୪୦ ଲିଟର ମଦ ଜବତ କରିଛି ପୋଲିସ ।

## କୁଦାନଗରୀ ପୀଠର ଉନ୍ନତି ଦାବି



**ଗରଦପୁର, ୧୫।୧(ସମିସ)**

କେନ୍ଦ୍ରାପଡ଼ା ଜିଲ୍ଲା ପାଟକୁରା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଗରଦପୁର ବ୍ଲକ କୁଦାନଗରୀସ୍ଥ ଶ୍ରୀପରକ୍ଷିତ ମହାରାଜଙ୍କ ପୀଠ ଅବସ୍ଥିତ ଅଟେ । ଏହି ପୀଠର ଏକ ସ୍ୱତନ୍ତ୍ର ଇତିହାସ ରହିଛି । ଦ୍ୱାପର ଯୁଗରୁ ଏହି ପୀଠର ସ୍ଥିତି ଜାଣିବାକୁ ମିଳେ । ଏହି ସ୍ଥାନକୁ ପ୍ରତିଦିନ ଶହ ଶହ ଜିଲ୍ଲା ଓ ବାହାରର ଲୋକ ଏଠାରେ ପହଞ୍ଚି ନଦୀପଠାରେ ଥିବା କାଜୁ ଜଙ୍ଗଲରେ ବଣଭୋଜି କରିବା ପାଇଁ ଆସିଥା’ନ୍ତି । ବିଜୁ ଜନତା ଦଳ ଯୁବ ସଂଖ୍ୟାଲଘୁ ସେଲ୍‌ର ସଭାପତି ତଥା ଅଖିଳ ଭାରତୀୟ ପଛୁଆ ବର୍ଗ ଓ ସଂଖ୍ୟାଲଘୁ ବିକାଶ ପରିଷଦର ମହାସଚିବ ମହମ୍ମଦ ଆମିରଙ୍କ ନେତୃତ୍ୱରେ ଏକ ଟିମ ଗସ୍ତ କରି ପୀଠର ମହନ୍ତଙ୍କ ସହିତ ବିଭିନ୍ନ ସମସ୍ୟା ବିଷୟରେ ଆଲୋଚନା କରିଥିଲେ । ପୀଠ ପାଇଁ ଆବଶ୍ୟକ ପଡୁଥିବା ପିଇବା ପାଣି ସମସ୍ୟା, ସାଧୁସନ୍ଥଙ୍କ ରହିବା ପାଇଁ ଆବଶ୍ୟକ ଘର, ଆନନ୍ଦ ବଜାର, ଯଜ୍ଞ ପାଇଁ ଘର, ମଠର ନବୀକରଣ, ବାହାରୁ ଆସୁଥିବା ପର୍ଯ୍ୟଟକଙ୍କ ପାଇଁ ରିଭରଫ୍ରେଣ୍ଟ ରିସଟ, ସୁନ୍ଦରୀକରଣ ଓ ଉଜ୍ଜ୍ୱଳଆଲୋକ ବ୍ୟବସ୍ଥାର ଆବଶ୍ୟକ ରହିଛି । ପର୍ଯ୍ୟଟନକୁ ଆକୃଷ୍ଟ କରିବା ଓ କୁଦାନଗରୀର ଇତିହାସକୁ ବଞ୍ଚାଇବା, ଭିତ୍ତିଭୂମିର ବିକାଶ ପାଇଁ ଜିଲ୍ଲାପାଳ ଅମ୍ରିତ ଋତୁରାଜ ଓ ପର୍ଯ୍ୟଟନ ମନ୍ତ୍ରୀଙ୍କ ଦ୍ୱାରା ଖୁବଶୀଘ୍ର ପ୍ରସ୍ତାବ ପ୍ରଦାନ କରି ଏକ ସୁନ୍ଦର ପର୍ଯ୍ୟଟନ ସ୍ଥଳୀର ପ୍ରକଳ୍ପ ରାଜ୍ୟ ସରକାରଙ୍କୁ ପ୍ରଦାନ କରାଯିବାକୁ ନିଷ୍ପତ୍ତି ନିଆଯାଇଥିବା ମହମ୍ମଦ ଆମିର ପ୍ରକାଶ କରିଛନ୍ତି ।

ଅନ୍ୟମାନଙ୍କ ମଧ୍ୟରୁ ସେକ ଲିୟାକତ ଅଲ୍ଲୀ, ଦୀପକ କୁମାର ସାମଲ, ରବୀନ୍ଦ୍ର ନାଥ ବେହେରା, ଅଜିତ କୁମାର, ନିଳାଦ୍ରୀ ବିହାରୀ, ପଦ୍ମଲୋଚନ ବେହେରା, ଅବରାର ହସରତ ଖାନ, ନିରଞ୍ଜନ ନାୟକ, ହାପି ସେକ, ପ୍ରତାପ ସ୍ୱାଇଁ, ରଶ୍ମୀରଞ୍ଜନ ସାହୁ, କୃଷ୍ଣ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ ।

## ପୁରାତନ ଛାତ୍ରଛାତ୍ରୀଙ୍କ ବନ୍ଧୁମିଳନ



**ରାଜକନିକା, ୧୫।୧(ସମିସ):** ଚାରି ଦଶନ୍ଧି ପରେ ଏକାଠି ହେଲେ । ପୁରୁଣା ଦିନର ସ୍ମୃତିକୁ ମନେ ପକାଇ ଆଖି ଛଳ ଛଳ କରିଦେଲେ । ବିଦାୟ ବେଳରେ ନିଜ ନିଜ କର୍ତ୍ତବ୍ୟ ସ୍ଥଳକୁ ଯିବା ପୂର୍ବରୁ ୪୦ ବର୍ଷ ପରେ ଏକାଠି ହେବାର ମଧୁର ସ୍ମୃତିକୁ ମନଭରି ଉପଭୋଗ କରିଥିଲେ । ରାଜକନିକା ବ୍ଲକ ଅନ୍ତର୍ଗତ ଦେଉଳତରା ଲକ୍ଷ୍ମୀନାରାୟଣ ନୋଡାଲ ଉଚ୍ଚ ବିଦ୍ୟାଳୟର ୧୯୮୩ ମସିହାର ସମସ୍ତ ଛାତ୍ରଛାତ୍ରୀ ଏକ ବନ୍ଧୁମିଳନ କାର୍ଯ୍ୟକ୍ରମରେ ଯୋଗଦେଇ ପୁରୁଣା ଦିନର ସ୍ମୃତି ସାଉଁଟିଛନ୍ତି ଦରିଆ ନାହାକାଣୀ ପୀଠରେ । ପୁରାତନ ଛାତ୍ର ମରୁତ କୁମାର ବାରିକ୍‌ଙ୍କ ନେତୃତ୍ୱରେ ଆୟୋଜିତ ଏହି ଉତ୍ସବରେ ଶ୍ରୀନିବାସ ଜେନା, ଚିତ୍ରକଳା ଜେନା, ଶାନ୍ତିଲତା ଜେନାଙ୍କ ମୁଖ୍ୟ ଉଦ୍ୟମରେ ଏହି ବନ୍ଧୁମିଳନ କାର୍ଯ୍ୟକ୍ରମ ହୋଇଥିଲା । ଡ଼ା ଶ୍ରୀନିବାସ ଜେନା, ଜୟନ୍ତୀ ମଲ୍ଲିକ ପୀତବାସ ପଣ୍ଡା, ସରସ୍ୱତୀ ସାହୁ, ସିଦ୍ଧେଶ୍ୱରୀ ସାହୁ, ନିମାଇଁ ବାରିକ୍, ପୁରସ୍ତମ ସାହୁ, ମରୁତ ବାରିକ୍, ରବୀନ୍ଦ୍ର ଜେନା, ନକୁଳ ଜେନା, ଶଶିକଳା ବାରିକ୍, ତିଲୋତ୍ତମା ନାୟକ ପ୍ରମୁଖ ପୁରାତନ ଛାତ୍ରଛାତ୍ରୀ ଏକାଠି ହୋଇଥିଲେ ।

## ପୂର୍ବତନ ସମିତିସଭ୍ୟଙ୍କ ପରଲୋକ

**ପଟ୍ଟାମୁଣ୍ଡାଇ, ୧୫।୧(ସମିସ):** ବଡ଼ପଡ଼ା ପଞ୍ଚାୟତର ପୂର୍ବତନ ସମିତି ସଭ୍ୟ କଲ୍ୟାଣ ସ୍ୱାଇଁଙ୍କ ହୃଦଘାତରେ ପରଲୋକ ଘଟିଛି । ମୃତ୍ୟୁବେଳକୁ ତାଙ୍କୁ ୫୬ବର୍ଷ ବୟସ ହୋଇଥିଲା । ରାଜନଗର ବିଧାୟକ ଧ୍ରୁବ ସାହୁ, ପଟ୍ଟାମୁଣ୍ଡାଇ ବ୍ଲକ ଅଧ୍ୟକ୍ଷ ପ୍ରଦ୍ୟୁମ୍ନ ସାମନ୍ତରାୟ, ପୌର ପରିଷଦ ଅଧ୍ୟକ୍ଷ ହେମନ୍ତ ସାହୁ, ବ୍ଲକ ବିଜେଡି ସଭାପତି କିଶୋର ସାହୁ, ନଗର ବିଜେଡି ସଭାପତି ବୁଢ଼ା ଲେଙ୍କା, ଜିଲ୍ଲା ପରିଷଦ ସଦସ୍ୟ ରଞ୍ଜନ ବିଶ୍ୱାଳ ବ୍ଲକ ଯୁବ ବିଜେଡି ସଭାପତି କୈଳାଶ ସିଂହ ପ୍ରମୁଖ ତାଙ୍କ ଶବାଧାରରେ ପୁଷ୍ପଗୁଚ୍ଛ ପ୍ରଦାନ କରି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ । ପୂର୍ବତନ ବିଧାୟକ କିଶୋର ତରାଇ, ପୂର୍ବତନ ବିଧାୟକ ଅଂଶୁମାନ ମହାନ୍ତି, ଡ଼ ଅଲେଖ କୁମାର ଜେନା, ପଟ୍ଟାମୁଣ୍ଡାଇ ବ୍ଲକ ପ୍ରାକ୍ତନ ଅଧ୍ୟକ୍ଷ ନିଶିକାନ୍ତ ପ୍ରଧାନ, ଜିଲ୍ଲା ଓବିସି ଅଧ୍ୟକ୍ଷ ମଳୟ ଦାସ, ବ୍ଲକ କଂଗ୍ରେସ ସଭାପତି ନିମାଇ କର ଓ ନଗର କଂଗ୍ରେସ ସଭାପତି ଅମୂଲ୍ୟ ପ୍ରଧାନ ପ୍ରମୁଖ ତାଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ । ବଡପଡ଼ା ଗାଁ ଶ୍ମଶାନରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା ଓ ପୁତ୍ର ଗୁଡୁ ସ୍ୱାଇଁ ମୁଖାଗ୍ନି ଦେଇଥିଲେ ।

## ରଙ୍ଗାଳ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ; ଇଲେଭେନ ଷ୍ଟାର୍ ଚାମ୍ପିଅନ୍

**ମାର୍ଶାଘାଇ, ୧୫।୧(ସମିସ):** ମାର୍ଶାଘାଇ ବ୍ଲକ ରଙ୍ଗାଳ ସାରଳା ସ୍ପୋର୍ଟ୍ସ କ୍ଲବ ପକ୍ଷରୁ ସନ୍‌ସାଇନ୍ ମିନି ଷ୍ଟାଡିୟମରେ ଆୟୋଜିତ ୩୬ ତମ ମାନସ ମେମୋରିଆଲ ଚ୍ୟାଲେଞ୍ଜ କପ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଯାଇଛି । ଏଥିରେ କେନ୍ଦ୍ରାପଡ଼ା ଇଲେଭେନ୍ ଷ୍ଟାର କ୍ରିକେଟ କ୍ଲବ୍ ଚାମ୍ପିଅନ୍ ହୋଇଛି । ପ୍ରଥମେ ବ୍ୟାଟିଂ କରି ଇଲେଭେନ୍ ଷ୍ଟାର କ୍ରିକେଟ କ୍ଲବ ନିର୍ଦ୍ଧାରିତ ୨୦ ଓଭରରେ ୨୭୮ ରନ କରି ଅଲଆଉଟ ହୋଇଯାଇଥିଲେ । ଜବାବରେ କଟକ




ରୋବର୍ସ କ୍ଲବ ୧୭୬ ରନ କରି ଅଲଆଉଟ ହେବା ସହିତ ୧୦୧ ରନରେ ପରାଜିତ ହୋଇଯାଇଥିଲା । ରାଜ୍ୟ କାର୍ଯ୍ୟକାରଣୀ ସଦସ୍ୟ ସଞ୍ଜୟ ଅଗ୍ରୱାଲା, ଜିଲ୍ଲା ପରିଷଦ ସଦସ୍ୟ ପ୍ରମୋଦ ରଥ, ମେହେନ୍ଦିନଗର ସରପଞ୍ଚ ବାନାମ୍ବର ସେଠୀ ଯୋଗ ଦେଇଥିଲେ । ବିଜୟୀ ଦଳକୁ ୧୫ ହଜାର ଟଙ୍କା ସହ ଟ୍ରଫି ପ୍ରଦାନ କରାଯାଇଥିଲା ।

## ଜିଲ୍ଲାସ୍ତରୀୟ ଶାରୀରିକ ଶିକ୍ଷା ଓ କ୍ରୀଡ଼ା ଉତ୍ସବ



**ଡେରାବିଶ, ୧୫।୧(ସମିସ):** ଡେରାବିଶ ବ୍ଲକ ହରିଅଙ୍କ ପଞ୍ଚାୟତ ଅନ୍ତର୍ଗତ ମୁଣ୍ଡାଲୋସ୍ଥ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରରେ କେନ୍ଦ୍ରାପଡ଼ା ଜିଲ୍ଲାସ୍ତରୀୟ ପଞ୍ଚଦଶ ଶ୍ରୀଅରବିନ୍ଦ ବାର୍ଷିକ ଶାରିରିକ ଶିକ୍ଷା ଓ କ୍ରୀଡ଼ା ଉତ୍ସବ ଆଜି ଉଦ୍‌ଯାପିତ ହୋଇଯାଇଛି । ତିନିଦିନ ବ୍ୟାପୀ ଅନୁଷ୍ଠିତ ଏହି ଉତ୍ସବରେ ଜିଲ୍ଲାର ସମସ୍ତ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ୭୦ରୁ ଊର୍ଦ୍ଧ୍ୱ ଅଂଶଗ୍ରହଣ କରିଥିଲେ । ଉଦ୍‌ଘାଟନୀ ଉତ୍ସବରେ ବିଦ୍ୟାଳୟର ଅଧ୍ୟକ୍ଷ ଶରତ ଚନ୍ଦ୍ର ଜେନା ସଭାପତିତ୍ୱ କରିଥିବାବେଳେ ଡାକ୍ତର ଧନେଶ୍ୱର ପ୍ରଧାନ ମୁଖ୍ୟଅତିଥି ଭାବେ ଯୋଗଦେଇ ଉତ୍ସବକୁ ଉଦ୍‌ଘାଟନ କରିଥିଲେ । ମୁଖ୍ୟବକ୍ତା ଭାବେ ନୟନା ବେହେରା ଶ୍ରୀଅରବିନ୍ଦଙ୍କ ଯୋଗରେ ଶରୀର ଚର୍ଚ୍ଚା ସମ୍ପର୍କରେ ମତ ରଖିଥିଲେ । ପ୍ରାରମ୍ଭରେ ବିଦ୍ୟାଳୟର ମୁଖ୍ୟ ପରିଚାଳକ ଦିଲ୍ଲୀପ କୁମାର ନାୟକ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ବୀରେନ୍ଦ୍ର ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ । ଦ୍ୱିତୀୟ ଦିବସରେ ପ୍ରାତଃ ସମୟରୁ ଯୋଗ, ପ୍ରାର୍ଥନା, ବ୍ୟାୟାମ, ମଧ୍ୟାହ୍ନଭୋଜନ ପରେ ସାଂଗଠନିକ ଆଲୋଚନା, ବ୍ୟାୟାମ, ସନ୍ଧ୍ୟା ପ୍ରାର୍ଥନା, ଯୋଗ ଓ ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା ।

ଉଦ୍‌ଯାପନୀ ସଭାରେ ବିଦ୍ୟାଳୟ ଅଧ୍ୟକ୍ଷ ଶ୍ରୀ ଜେନାଙ୍କ ସଭାପତିତ୍ୱ କରିଥିବାବେଳେ ମୁଖ୍ୟଅତିଥି ଭାବେ ଶ୍ରୀମା ଅରବିନ୍ଦଙ୍କ ଆଶ୍ରିତ ଶିକ୍ଷାବିତ୍ ଉର୍ମିଳା ରାଉତ ଯୋଗଦେଇ ଶାରିରୀକ ଓ ବୌଦ୍ଧିକ ଶିକ୍ଷା ସମ୍ପର୍କରେ ବକ୍ତବ୍ୟ ରଖିଥିଲେ । ସମ୍ମାନିତ ଅତିଥି ଭାବେ ସ୍ଥାନୀୟ ସରପଞ୍ଚ କନକଲତା ପ୍ରଧାନ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଅଜୟ କୁମାର ନାୟକ ଯୋଗ ଦେଇଥିଲେ । ଉତ୍ସବର ଅନୁଭୂତି ସମ୍ପର୍କରେ ଶିବିରାର୍ଥୀ ସେମାନଙ୍କର ବକ୍ତବ୍ୟ ରଖିଥିଲେ । ବିଦ୍ୟାଳୟର ମୁଖ୍ୟ ପରିଚାଳକ ଶ୍ରୀ ନାୟକ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ କମଳାକାନ୍ତ ବାରିକ ଧନ୍ୟବାଦ ଅର୍ପଣ କରିଥିଲେ ।

## ରାଜ୍ୟସ୍ତରୀୟ ନିଗମାନନ୍ଦ ଭକ୍ତ ସମ୍ମିଳନୀ ପାଇଁ ପ୍ରସ୍ତୁତି

**ପଟ୍ଟାମୁଣ୍ଡାଇ, ୧୫।୧(ସମିସ)**

ନୀଳାଚଳ ସାରସ୍ୱତ ସଂଘ ପକ୍ଷରୁ କେନ୍ଦ୍ରାପଡ଼ା ଜିଲ୍ଲା ପଟ୍ଟାମୁଣ୍ଡାଇ ବ୍ଲକ ଡିହାପଡ଼ା ପଞ୍ଚାୟତ ଗଣ୍ଡକୂଳଠାରେ ରାଜ୍ୟସ୍ତରୀୟ ନିଗମାନନ୍ଦ ସମ୍ମିଳନୀ ଆୟୋଜନ ପାଇଁ ପ୍ରସ୍ତୁତି ଜୋରଦାର ହୋଇଛି । କେନ୍ଦ୍ରାପଡ଼ା ବିଧାୟକ ପୂର୍ବତନମନ୍ତ୍ରୀ ଶଶୀଭୂଷଣ ବେହେରା ଗଣ୍ଡକୂଳ ଜୟଗୁରୁ ଆଶ୍ରମରେ ଏକ ଉଚ୍ଚସ୍ତରୀୟ ବୈଠକରେ ପ୍ରସ୍ତୁତିର ଅଗ୍ରଗତି ନେଇ ସମୀକ୍ଷା କରିଥିଲେ । ରାଜ୍ୟସ୍ତରୀୟ ସମ୍ମିଳନୀକୁ ସଫଳ କରିବା ପାଇଁ ଆବଶ୍ୟକ ସମସ୍ତ ପଦକ୍ଷେପ ନେବାକୁ ବିଧାୟକ ଉପସ୍ଥିତ ପ୍ରଶାସନିକ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ । ବିଧାୟକଙ୍କ ସମୀକ୍ଷା ବୈଠକ ପରେ ପ୍ରସ୍ତୁତି କାର୍ଯ୍ୟକ୍ରମ ଜୋରଦାର ହୋଇଛି । ଗଣ୍ଡକୂଳ ଜୟଗୁରୁ ଆଶ୍ରମ ସଭାପତି ସମାଜସେବୀ ନିରଞ୍ଜନ ପଟ୍ଟନାୟକଙ୍କ ନେତୃତ୍ୱରେ ଶହ ଶହ ଭକ୍ତ ଓ ଆଶ୍ରମ କର୍ମଚାରୀ ଦିନରାତି ଏକ କରି ଲାଗି ପଡ଼ିଛନ୍ତି । ଜିଲ୍ଲାପାଳ ଅମ୍ରିତ ଋତୁରାଜ ରାଜ୍ୟସ୍ତରୀୟ ନିଗମାନନ୍ଦ ସମ୍ମିଳନୀ ସଫଳ କରିବାକୁ ସମସ୍ତ ସହଯୋଗ ଯୋଗାଇ ଦେବାକୁ ପଟ୍ଟାମୁଣ୍ଡାଇ ଅଞ୍ଚଳର ସମସ୍ତ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ଓ ପୂର୍ବତନ ସାଂସଦ ବୈଷ୍ଣବ ପରିଡ଼ାଙ୍କ ଠାରୁ ଆରମ୍ଭ କରି ବହୁ ପୂର୍ବତନ ବିଧାୟକ ଓ ସାଂସଦ ଗଣ୍ଡକୂଳ ଜୟଗୁରୁ ଆଶ୍ରମ ଉନ୍ନତି ପାଇଁ ସରକାରୀ ଅନୁଦାନ ଯୋଗାଇ ଦେଇଛନ୍ତି । ଫଳରେ ଜୟଗୁରୁ ଆଶ୍ରମର ନବ କଳେବର ହୋଇଛି । ଆଶ୍ରମ ମଧ୍ୟରେ ସାରସ୍ୱତ ସଂଘ ସଭାପତି, ସମ୍ପାଦକ ଓ କର୍ମକର୍ତ୍ତା ରହିବା ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା ରହିଛି ଓ ସାରା ଓଡ଼ିଶାରୁ ଆସୁଥିବା ଭକ୍ତମାନଙ୍କ ରହିବା ପାଇଁ ଆଶ୍ରମ ମଧ୍ୟରେ କୋଠରୀ ରହିଛି । ମହିଳା ଭକ୍ତମାନଙ୍କ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି । ଭକ୍ତମାନେ ଶୋଇବା ପାଇଁ ଶତାଧିକ ଖଟ ନିର୍ମାଣ ସହିତ ଏକାଧିକ ପାଇଖାନା ଓ ଗାଧୁଆ ଘର ନିର୍ମାଣ କାର୍ଯ୍ୟ ଆଗେଇ ଚାଲିଛି । ଜୟଗୁରୁ ଆଶ୍ରମରେ ନିର୍ମିତ କେତେକ ସରକାରୀ ପ୍ରକଳ୍ପ ବିଲ୍ ତୁରନ୍ତ ପଇଠ କରିବାକୁ ପଟ୍ଟାମୁଣ୍ଡାଇ ବ୍ଲକ ଅଧ୍ୟକ୍ଷ ପ୍ରଦ୍ୟୁମ୍ନ ସାମନ୍ତରାୟ ବ୍ଲକ ପ୍ରଶାସନକୁ ନିର୍ଦ୍ଦେଶ ଦେଇଛନ୍ତି । ଡିହାପଡ଼ା ସରପଞ୍ଚ ଶତ୍ରୁଘ୍ନ ମଲିକ ରାଜ୍ୟସ୍ତରୀୟ ନିଗମାନନ୍ଦ ଭକ୍ତ ସମ୍ମିଳନୀ ସଫଳ କରିବାକୁ ସହଯୋଗ ଯୋଗାଇ ଦେବାକୁ ବିଡିଓ ଶୁଭାଂଶୁ ସାହୁ ନିବେଦନ କରିଛନ୍ତି । କେନ୍ଦ୍ରାପଡ଼ା ଏସ୍‌ପି ସମ୍ରିତ ସମ୍ପଦ ମଦକର ଆଶ୍ରମ ପରିସରରେ ଉପଯୁକ୍ତ ସୁରକ୍ଷା ବ୍ୟବସ୍ଥା ଯୋଗାଇ ଦେବାକୁ ପଟ୍ଟାମୁଣ୍ଡାଇ ଏସ୍‌ଡିପି ଓ କ୍ଷମା ସାଗର ପଣ୍ଡା ଓ ଆଦର୍ଶ ଥାନା ଆଇଆଇସି ରଞ୍ଜିତ ମହାନ୍ତି ଓ ଗ୍ରାମାଞ୍ଚଳ ଥାନାଆଇଆଇସି ପଦ୍ମାଳୟା ପ୍ରଧାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ରାଜ୍ୟସ୍ତରୀୟ ନିଗମାନନ୍ଦ ଭକ୍ତ ସମ୍ମିଳନୀ ପାଇଁ ଡିହାପଡ଼ା ପଞ୍ଚାୟତ ଓ ଗଣ୍ଡକୂଳ ଗାଁ ଚଳଚଞ୍ଚଳ ହୋଇପଡ଼ିଛି । ସମାଜସେବୀ ନିରଞ୍ଜନ ପଟ୍ଟନାୟକଙ୍କ ନେତୃତ୍ୱରେ ସମସ୍ତ ଗ୍ରାମବାସୀ ସମ୍ମିଳନୀ ସଫଳ ପାଇଁ ପୂର୍ଣ୍ଣ ପ୍ରାଣରେ ଲାଗି ପଡ଼ିଛନ୍ତି ।

## ଜଗମୋହନ ହାଇସ୍କୁଲ ପୁରାତନ ଛାତ୍ରଛାତ୍ରୀଙ୍କ ବୈଠକ




**ମହାକାଳପଡ଼ା, ୧୫।୧(ସମିସ)**

କେନ୍ଦ୍ରାପଡ଼ା ଜିଲ୍ଲା ମହାକାଳପଡ଼ା ବ୍ଲକ ଅଧିନ ଜଗମୋହନ ଉଚ୍ଚ ବିଦ୍ୟାଳୟର ୧୯୮୫ ବ୍ୟାଚ୍ ଛାତ୍ରଛାତ୍ରୀଙ୍କ ବୈଠକ ରବିବାର ଅନୁଷ୍ଠିତ ହୋଇଯାଇଛି । ପୂର୍ବତନ ଛାତ୍ର ରବୀନ୍ଦ୍ର ସାମଲଙ୍କ ଆବାହକତ୍ୱ ଓ ପବିତ୍ର ପରିଡ଼ାଙ୍କ ମଞ୍ଚ ସଂଯୋଜନାରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ମୁଖ୍ୟ ଅତିଥି ତଥା ପୂର୍ବତନ ପ୍ରଧାନ ଶିକ୍ଷକ ବ୍ରହ୍ମାନନ୍ଦ ପରିଡ଼ା ଏହାକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ । ପରେ ପରେ ଜାତୀୟ ସଙ୍ଗୀତ ଓ ଗୁରୁବନ୍ଦନା କାର୍ଯ୍ୟକ୍ରମ ସମ୍ପାଦନ ହୋଇଥିଲା । ପରେ ସମସ୍ତ ବରେଣ୍ୟ ଅତିଥି ମାନଙ୍କୁ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା । ପ୍ରଧାନ ଶିକ୍ଷକ ବ୍ରହ୍ମାନନ୍ଦ ପରିଡ଼ାଙ୍କ ସମେତ ଶ୍ୟାମ ସୁନ୍ଦର ଭୋଳ, ବେଣୁଧର ରାଉତ, ଧ୍ରୁବ ଚରଣ ପୃଷ୍ଟି, ପ୍ରହ୍ଲାଦ ମାହାଲି, କାର୍ତ୍ତିକ ଚନ୍ଦ୍ର ତୁଳି, ଘନ ଶ୍ୟାମ ପରିଡ଼ା, ବଟ ଜେନା ଓ କସ୍ତୁରୀ ଚରଣ ସ୍ୱାଇଁ ପ୍ରମୁଖ ମୁରବୀ ଓ ଶିକ୍ଷକମାନେ ଛାତ୍ରଛାତ୍ରୀମାନଙ୍କୁ ଆଶୀର୍ବାଦ କରିଥିଲେ ।

# 'ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶକ୍ରମେ ମନ୍ଦିର ଉନ୍ନତିକରଣ ପାଇଁ ଆସିଛୁ'

## ଜଙ୍ଘାଦେବଙ୍କୁ ଦର୍ଶନ କଲେ ୨ ମନ୍ତ୍ରୀ ଓ ୪ ବିଧାୟକ

**ଆଠମଲ୍ଲିକ/ କିଶୋରନଗର,୧୫।୧(ସମିସ):** ଆଠମଲ୍ଲିକ ବ୍ଲକ ଆମ୍ବସରମୁଣ୍ଡା ପଞ୍ଚାୟତ ରେ ଗୋଣ୍ଡ ସମାଜ ର ଜଙ୍ଘା ପେନଠାନାକୁ ସୋମବାର ରାଜ୍ୟ ସରକାରଙ୍କ ଅନୁସୂଚିତ ଜାତି ଓ ଜନଜାତି ଉନ୍ନୟନ, ସଂଖ୍ୟାଲଘୁ ଓ ପଛୁଆବର୍ଗ ତଥା ଆଇନମନ୍ତ୍ରୀ ଜଗନ୍ନାଥ

### ଗୋଣ୍ଡ ସମାଜ ସହ ଆଲୋଚନା କଲେ

ସାରକା ଓ ଅନ୍ୟ ଜଣେ କ୍ୟାବିନେଟ ମନ୍ତ୍ରୀ ଖଣି ଓ ଇସ୍ପାତ ତଥା ପୂର୍ତ୍ତ ବିଭାଗ ମନ୍ତ୍ରୀ ପ୍ରଫୁଲ୍ଲ ମଲ୍ଲିକଙ୍କ ସହ ଅନୁଗୋଳ ଜିଲ୍ଲାର ୪ ବିଧାୟକ ଯଥା ତାଳଚେର ବିଧାୟକ ବ୍ରଜକିଶୋର ପ୍ରଧାନ, ଅନୁଗୋଳ ବିଧାୟକ ରଜନୀକାନ୍ତ ସିଂହ, ଛେଣ୍ଡିପଦା ବିଧାୟକ ସୁଶାନ୍ତ କୁମାର ବେହେରା ଓ ପାଲଲହଡା ବିଧାୟକ ମୁକେଶ କୁମାର ପାଲଙ୍କ ସମେତ ସ୍ଥାନୀୟ ବିଧାୟକ ରମେଶ ସାଏ ଗସ୍ତକରି ଜଙ୍ଘା ବଡଦେଓଙ୍କୁ ଦର୍ଶନକରି ଆଶୀର୍ବାଦ ଗ୍ରହଣ କରିଛନ୍ତି। ମନ୍ଦିରର ଉନ୍ନତିକରଣ ଓ ଗୋଣ୍ଡ ସମାଜର ବିକାଶ କିଭଳି ହୋଇପାରିବ ତାହା ତନଖିବାକୁ ଓ ଗୋଣ୍ଡ ସମାଜ ସହ ଆଲୋଚନା କରି ସୁବିଧା ଅସୁବିଧା ବୁଝି ସେମାନଙ୍କ ବିକାଶ ସମ୍ପର୍କରେ ଆଲୋଚନା କରି ଆସିବାକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶରେ ଉଭୟ କ୍ୟାବିନେଟ ମନ୍ତ୍ରୀ ଆସିଥିବା ମତ ପ୍ରକାଶ କରିଥିଲେ।

ପୂର୍ବାହ୍ନ ୧୧ ଟାରେ ପ୍ରଥମେ ଉଭୟ ମନ୍ତ୍ରୀ ଓ ଜିଲ୍ଲାର ୪ ବିଧାୟକ, ଜିଲ୍ଲା ବିଜେଡି ସଭାପତି ବରିଷ୍ଠ ଆଇନଜୀବୀ ମହେନ୍ଦ୍ର ବସ୍ତିଆ, ଅନୁଗୋଳ ବିଜେଡି ସହ ପର୍ଯ୍ୟବେକ୍ଷକ କୁନବିହାରୀ ଦାସ, ଅନୁଗୋଳ ସଂଯୁକ୍ତ ସମବାୟ ବ୍ୟାଙ୍କ ସଭାପତି ସନ୍ତୋଷ କୁମାର ପ୍ରଧାନ ଠାକୁରଗଡ଼ ପଞ୍ଚାୟତ କାର୍ଯ୍ୟାଳୟ ନିକଟରେ ପହଞ୍ଚିବା ପରେ ସେଠାରେ ଉପସ୍ଥିତ ଥିବା ବରିଷ୍ଠ ବିଜେଡି ନେତା ନଳିନୀକାନ୍ତ ପ୍ରଧାନ, ଜିଲ୍ଲା ପରିଷଦ ଅଧ୍ୟକ୍ଷା ବବିତା ପ୍ରଧାନ, ଆଠମଲ୍ଲିକ ବ୍ଲକ ଅଧ୍ୟକ୍ଷ ଦୁଃଶାସନ ରାଉଳ, କିଶୋରନଗର ବ୍ଲକ ଅଧ୍ୟକ୍ଷା ସୈରିନ୍ଦ୍ରି ପଧାନ, ଆଠମଲ୍ଲିକ ବିଜ୍ଞାପିତ ଅଞ୍ଚଳ ପରିଷଦ ଅଧ୍ୟକ୍ଷା ଆଶାକୁମାରୀ ସାହୁ, ଉପାଧ୍ୟକ୍ଷ ଗଦାଧର ସ୍ୱାଇଁ, ଅନୁଗୋଳ ସଂଯୁକ୍ତ ସମବାୟ ବ୍ୟାଙ୍କ ସଭାପତି ସନ୍ତୋଷ କୁମାର ପ୍ରଧାନ, କିଶୋରନଗର ବ୍ଲକ ଉପାଧ୍ୟକ୍ଷ ଲବ କୁମାର ପ୍ରଧାନ, ଜିଲ୍ଲା ପରିଷଦ ସଭ୍ୟା ଅନୁପମା ସାହୁ, ବିଷ୍ଣୁପ୍ରିୟା ପ୍ରଧାନ, ରଶ୍ମିରେଖା ମାହାର, ନିର୍ବାଚିତ ସମସ୍ତ ଏନ୍ଏସି କାଉନସିଲର, ସରପଞ୍ଚ, ସମିତିସଭ୍ୟ/ସଭ୍ୟାଙ୍କ ସମେତ ହଜାର ହଜାର ବିଜେଡି କର୍ମୀ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ପ୍ରଦାନ କରି ସ୍ୱାଗତ କରିବାପରେ ଏକ ବାଇକ୍ ଶୋଭାଯାତ୍ରାରେ ଆମ୍ବସରମୁଣ୍ଡା ଗ୍ରାମସ୍ଥିତ ଜଙ୍ଘା ପେନଠାନା ନିକଟକୁ ନେଇଥିଲେ। ମନ୍ତ୍ରୀ, ବିଧାୟକ ଓ ଅନ୍ୟମାନେ ଜଙ୍ଘା ବଡଦେଓଙ୍କ ଦର୍ଶନସାରି ଫେରିଛନ୍ତି।



# ମହୁଲ ପୋଚ ନଷ୍ଟ ଓ ଦେଶୀମଦ ଜବତ



**ଭୁବନ, ୧୫।୧ (ସମିସ):** ଭୁବନ ବ୍ଲକ ଅନ୍ତର୍ଗତ ଚନ୍ଦାର ଓ ଅରିଲୋ ଅଞ୍ଚଳରେ ଆଜି ଅବକାରୀ ବିଭାଗ ପକ୍ଷରୁ ଚଢ଼ଉ କରାଯାଇଥିଲା। ବେଆଇନ ମଦ ପ୍ରସ୍ତୁତକାରୀମାନେ ଅତ୍ୟନ୍ତ ଚତୁରତା ସହିତ ମାଟିତଳେ ଗାତଖୋଳି ହାଣ୍ଡି, ପ୍ଲାଷ୍ଟିକ ଜାରକିନରେ ମଦ ରଖିଥିବା ବେଳେ ଅବକାରୀ କର୍ମଚାରୀ ମାଟି ଖୋଳି ସମୁଦାୟ ୮ ହଜାର ଲିଟର ମହୁଲ ପୋଚ ନଷ୍ଟ କରିଥିଲେ ଏବଂ ୫୦୦ ଲିଟର ଦେଶୀ ମଦ ଜବତ କରିଥିଲେ। ଅବକାରୀ କମିଶନର ନରସିଂହ ଭୋଳ, ଜିଲ୍ଲା ଅବକାରୀ ଅଧିକ୍ଷକ ପ୍ରଦୀପ କୁମାର ପାଣିଗ୍ରାହୀ ଓ ଜିଲ୍ଲାପାଳ ମନୋରଞ୍ଜନ ମଲ୍ଲିକଙ୍କ ନିର୍ଦ୍ଦେଶ କ୍ରମେ ଭୁବନ, କାମାକ୍ଷାନଗର ଓ ଗନ୍ଦିଆ ଅବକାରୀ ବିଭାଗ ଚଢ଼ଉ କରିଥିଲେ। ଭୁବନ ଅବକାରୀ ଏସ ଆଇ ସୌରଭ ମିଶ୍ର, କାମାକ୍ଷାନଗର ଓଆଇସି ଡି ବିଶ୍ୱାଳ, ଗାଁନ୍ଦିଆ ଓଆଇସି ସୁନୀତା କେରକେଟା, ଏଏସଆଇ ବିଶ୍ୱରଞ୍ଜନ ନାଥ, କନଷ୍ଟେବଲ ଗୋଲାପ ସାହୁ, ପ୍ରେମାନନ୍ଦ ବେହେରା, ପ୍ରଫୁଲ୍ଲ କୁମାର ସାମଲ ପ୍ରମୁଖ ଏହି ଚଢ଼ଉ ରେ ସାମିଲ ଥିଲେ।

# ଜାତୀୟ ପର୍ବ ଲୋହରି ପାଳିତ



**ଥର୍ମାଲ,୧୫।୧((ସମିସ ):** ତାଳଚେର ଥର୍ମାଲ ନେତାଜୀ ସୁବାଷ ଭବନ ଫିଲ୍ଡ ହଷ୍ଟେଲ ଠାରେ ଆମ ଜାତୀୟ ପର୍ବ ଲୋହରି ପାଳିତ ହୋଇଯାଇଛି। ଏହି ପର୍ବରେ ଏନଟିପିସିର ଇଡି ଗୌତମ ଦେବ ଓ ଶୋଭା ଦେବ, ଜିଏମ କୌଶିକ ମଣ୍ଡଳ, ଦୀପକ, ସୁକାନ୍ତ ଭଟ୍ଟାଚାର୍ଯ୍ୟ, ଅଭିନବ ସେନଗୁପ୍ତା. ଗୋପୀ କିରଣ, ତନ୍ମୟ କପୂର,ରବୀନ୍ଦ୍ର, ସନ୍ତୋଷ କୁମାର ସ୍ୱାଇଁ, ଅଞ୍ଜନ କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ବିବେକାନନ୍ଦ ସ୍ମାରକୀ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ



**ମାର୍ଥାପୁର, ୧୫।୧(ସମିସ):** ଭୁବନ ବ୍ଲକ ଅନ୍ତର୍ଗତ ମଠକରଗୋଳା ସ୍ଥିତ କାହ୍ନୁଚରଣ ଖେଳପଡ଼ିଆରେ ଏମସିସି କ୍ରିକେଟ କ୍ଲବ ଆନୁକୂଲ୍ୟରେ ଆଜି ବିବେକାନନ୍ଦ ମେମୋରିଆଲ ଟୁର୍ଣ୍ଣାମେଣ୍ଟ ଉଦଘାଟିତ ହୋଇଯାଇଛି। ଏହି ଉତ୍ସବରେ ମଠକରଗୋଳା କଲେଜର ଅଧ୍ୟକ୍ଷ ଚିତ୍ତରଞ୍ଜନ ଦାଶ ଏବଂ ଗ୍ରାମ୍ୟ ପରିଚାଳନା କମିଟିର ସଭାପତି ନଳିନୀ କୁମାର ପରିଡ଼ା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାକୁ ଉଦଘାଟନ କରିଛନ୍ତି। ସମ୍ମାନିତ ଅତିଥି ଭାବେ ସମିତିସଭ୍ୟା ସନ୍ଧ୍ୟାରାଣୀ ନାୟକ, ସରପଞ୍ଚ ଅଜୟ କୁମାର ନାୟକ, ପିଇଓ ବିନୋଦ କୁମାର ବେହେରା ଏବଂ ସମାଜସେବୀ ଦିବସ ବେହେରା ଯୋଗଦେଇଥିଲେ। ଉଦଘାଟନୀ ମ୍ୟାଚ ଯୋରନ୍ଦା ଏବଂ କାମାକ୍ଷା ନଗର ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଟସ୍ ପରେ କାମାକ୍ଷା ନିର୍ଦ୍ଧାରିତ ୧୮ ଓଭରରେ ୫ ଉଇକେଟ ହରାଇ ୨୦୯ରନ ସଂଗ୍ରହ କରିଥିଲା। ଏହାର ଜବାବରେ ଯୋରନ୍ଦା ଟିମ ୧୭.୪ ଓଭରରେ ସମସ୍ତ ଉଇକେଟ ହରାଇ ୧୬୦ରନ କରିବା ପାଇଁ ସକ୍ଷମ ହୋଇଥିଲା। ବିଜୟୀ ଦଳର ଲକି ଦାଶ ୨୬ଗୋଟି ବଲରେ ୮୨ ରନ କରି ମ୍ୟାନ ଅଫ ଦି ମ୍ୟାଚ ଘୋଷିତ ହୋଇଥିଲେ। ଅଜୟ କୁମାର ନାୟକ ଏବଂ ସୁଜିତ କୁମାର ନାୟକ ଖେଳ ପରିଚାଳନା କରିଥିବା ବେଳେ ବାପୁଜି ଖୁଣ୍ଟିଆ ଧାରାବିବରଣୀ ପ୍ରଦାନ କରିଥିଲେ। ସ୍କୋରର ଦାୟିତ୍ୱ ତୁଲାଇଥିଲେ ଜୁବୁଲ ଏବଂ ପାପାଲୀ। ୧୬ ତାରିଖ ଦିନ ଛତିଆ ଏବଂ ଢେଙ୍କାନାଳ ମଧ୍ୟରେ ଦ୍ୱିତୀୟ ମ୍ୟାଚ ଅନୁଷ୍ଠିତ ହେବ ବୋଲି ଆୟୋଜକଙ୍କ ସୂତ୍ରରୁ ପ୍ରକାଶ।

# ଜୟପୁରାକାଟେଣୀ ଆଞ୍ଚଳିକ ଉଚ୍ଚ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା



**କାମାକ୍ଷାନଗର, ୧୫।୧(ସମିସ):** ପରଜଙ୍ଗ ବ୍ଲକ ଜୟପୁରାକାଟେଣୀ ଆଞ୍ଚଳିକ ଉଚ୍ଚ ବିଦ୍ୟାଳୟରେ ବାର୍ଷିକ କ୍ରୀଡ଼ା ଓ ସାଂସ୍କୃତିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ଶାରଦା ପ୍ରସନ୍ନ ଖିଲାରଙ୍କ ସଭାପତିତ୍ୱରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ମୁଖ୍ୟ ଅତିଥି ଭାବେ ଜୟପୁରା କାଟେଣି ଗ୍ରାମପଞ୍ଚାୟତର ପୂର୍ବତନ ସରପଞ୍ଚ ଓ ସମାଜସେବୀ କୁଞ୍ଜବିହାରୀ ପ୍ରଧାନ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ନୂଆ ଓ' ଯୁବ ଓଡ଼ିଶା ମାଧ୍ୟମରେ ସରକାର ଛାତ୍ରଛାତ୍ରୀଙ୍କ ଲୁକାୟିତ ପ୍ରତିଭାକୁ ବିକଶିତ କରୁଛନ୍ତି। ଯାହା ଫଳରେ ପିଲାମାନେ ପାଠପଢ଼ା ସହ କ୍ରୀଡ଼ାରେ କୃତିତ୍ୱ ଲାଭ କରିପାରୁଛନ୍ତି ବୋଲି ସେ କହିଥିଲେ। ଶେଷରେ କ୍ରୀଡ଼ା ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ଛାତ୍ରଛାତ୍ରୀଙ୍କୁ ମାନପତ୍ର, ଟ୍ରଫି ଦେଇ ପୁରସ୍କୃତ କରାଯାଇଥିଲା। ଅଞ୍ଜନ ବେହେରା, ଅଶୋକ ପଣ୍ଡା, ଅମ୍ବିକା ପ୍ରଧାନ, ପ୍ରମୁଖ ଶିକ୍ଷକ ଶିକ୍ଷୟିତ୍ରୀ ପୁରସ୍କାର ବିତରଣ ଉତ୍ସବରେ ସହଯୋଗ କରିଥିଲେ। ବିଦ୍ୟାଳୟର କ୍ରୀଡ଼ା ଶିକ୍ଷକ ରୁଦ୍ର ନାରାୟଣ ବେହେରା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଭୁବନ ସାମ୍ବାଦିକ ସଂଘର ମକର ମିଳନ



**ଭୁବନ,୧୫।୧(ସମିସ):** ଭୁବନ ସାମ୍ବାଦିକ ସଂଘର ମକର ମିଳନ ଉତ୍ସବ ଭରତି ପାହାଡ ପାଦଦେଶରେ ଅବସ୍ଥିତ ମା' ସିଦ୍ଧ ରାମଚଣ୍ଡି ପୀଠ ପରିସରରେ ବରିଷ୍ଠ ସାମ୍ବାଦିକ ଅଲେଖ ଚନ୍ଦ୍ର ତ୍ରିପାଠୀଙ୍କ ଆବାହକତ୍ୱରେ ଅନୁଷ୍ଠିତ ହୋଇଯାଇଛି। ପୂର୍ବତନ ସଭାପତି ପୂର୍ଣ୍ଣଚନ୍ଦ୍ର ସାହୁଙ୍କ ସଂଯୋଜନାରେ ମକର ଉପଲକ୍ଷେ କବିତା ପାଠ ହୋଇଥିଲା। ପୂର୍ବତନ ସଂପାଦକ ସରୋଜ କୁମାର ସାହୁ, କୃଷ୍ଣ ଚନ୍ଦ୍ର ସାହୁ , ପ୍ରେମାନନ୍ଦ ମହାନ୍ତି , ଭୁବନ ପତ୍ରିକା ସଂପାଦକ ଚିତ୍ତରଞ୍ଜନ ମିଶ୍ର, ବିନୟ କୁମାର ପଟ୍ଟନାୟକ, ମଳୟ କୁମାର ତ୍ରିପାଠୀ, ଶ୍ରୀବତ୍ସ ତ୍ରିପାଠୀ, ଈଶ୍ୱର ରାଉତ ବିପିନ ନାଏକ, ଛାୟାକାନ୍ତ ସାହୁ , ସଚ୍ଚିଦାନନ୍ଦ ଆଇଚ, ଜୟଦେବ ବୈଶାଖ, ସରୋଜ କୁମାର ପୃଷ୍ଟି, ଶ୍ରୀକାନ୍ତ କର ପ୍ରମୁଖ ଯୋଗ ଦେଇଥିଲେ। ବାବୁଲି କୁମାର ସାହୁ ସତ୍ୟବ୍ରତ ନାୟକ , ସୌମେନ୍ଦ୍ର ସାହୁ, ସୁନାକର ବେହେରାଙ୍କ ସମେତ ଅନ୍ୟ ସାମ୍ବାଦିକ ସହଯୋଗ କରିଥିଲେ। ସଂଗଠନ ପକ୍ଷରୁ ଜାନୁୟାରୀ ୩୦ରେ ଗଣମାଧ୍ୟମର ଜାଗୁରୁକତା ସମ୍ପର୍କରେ ଆଲୋଚନାଚକ୍ର ଭୁବନ କଲ୍‌ଚୁରାଲ ସେଣ୍ଟରରେ ଅନୁଷ୍ଠିତ ହେବ ବୋଲି ଆବାହକ ତ୍ରିପାଠୀ ସୂଚନା ପ୍ରଦାନ କରିଥିଲେ।

# ବ୍ରାହ୍ମଣୀଦେବୀ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ



**କାମାକ୍ଷାନଗର, ୧୫।୧(ସମିସ):** କାମାକ୍ଷାନଗର ବ୍ଲକ ବାଉଁଶପାଳ ଅନ୍ତର୍ଗତ ବାଙ୍ଗୁରାଠାରେ ବ୍ରାହ୍ମଣୀଦେବୀ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦଯାପିତ ହୋଇଯାଇଛି। ବେଷ୍ଟ ଅଫ ଥ୍ରୀ ଅନୁଯାୟୀ ଫାଇନାଲ ମ୍ୟାଚରେ ସିରିଗିଡ଼ାକୁ ହରାଇ ମୁକ୍ତାପଶି ଚାମ୍ପିଅନ ଆଖ୍ୟା ଅର୍ଜନ କରିଛି। ଉଦଯାପନୀ ଉତ୍ସବରେ ମୁଖ୍ୟ ଅତିଥିଭାବେ କାମାକ୍ଷାନଗର ସାମ୍ବାଦିକ ସଙ୍ଘ ସଭାପତି ହିମାଂଶୁ ଶେଖର ମହାପାତ୍ର, ବିଦ୍ୟାଧର ବରାଳ, ହୃଦୟ ବଲ୍ଲଭ ମିଶ୍ର ଓ ବାଉଁଶପାଳ ସମିତିସଭ୍ୟ ଲମ୍ବୋଦର ନାୟକ ଯୋଗଦେଇ ବିଜେତା ଓ ଉପବିଜେତା ଦଳକୁ ପୁରସ୍କୃତ କରିଥିଲେ। ଟୁର୍ଣ୍ଣାମେଣ୍ଟରେ ଉଲ୍ଲେଖନୀୟ ପ୍ରଦର୍ଶନ କରିଥିବା ଖେଳାଳିଙ୍କୁ ପୁରସ୍କୃତ କରାଯାଇଥିଲା। ଆୟୋଜକ ବ୍ରାହ୍ମଣୀଦେବୀ କ୍ରିକେଟ କ୍ଲବ ତରଫରୁ ପ୍ରହ୍ଲାଦ ସାମଲ, ପ୍ରଶାନ୍ତ ସାମଲ, ପିଙ୍କୁଲ ସାମଲ, ସୌଭାଗ୍ୟ ସାମଲ ଓ ଚନ୍ଦନ ସାମଲ ପ୍ରମୁଖ ସଦସ୍ୟ ଟୁର୍ଣ୍ଣାମେଣ୍ଟ ପରିଚାଳନା କରିଥିଲେ।

# ବ୍ରିଜ ତଳକୁ ଖସିଲା ବାଇକ; ଚାଳକ ମୃତ

**କାମାକ୍ଷାନଗର,୧୫।୧ (ସମିସ) :** ମକର ସଂକ୍ରାନ୍ତିରେ ଘଟିଛି ଅଘଟଣ। କାମାକ୍ଷାନଗର ମୁଖ୍ୟ ରାସ୍ତାର ମହୁଲପାଳ ଗାଁ ସ୍ଥିତ ବ୍ରିଜ ଉପରୁ ଏକ ବାଇକ୍ ତଳକୁ ଖସି ଚାଳକଙ୍କ ମୃତ୍ୟୁ ଘଟିଛି। ମୃତ ଯୁବକ ଜଣଙ୍କ ହେଉଛନ୍ତି କାମାକ୍ଷାନଗର ଥାନା ଆଲୁଅଝରଣ ଗ୍ରାମ ଜୁଆଙ୍ଗ ସାହିର ଦୁର୍ଯ୍ୟୋଧନ ପଧାନଙ୍କ ପୁଅ ଦୀପୁ ପଧାନ। ଦିପୁ ବାଇକ ଯୋଗେ କାମାକ୍ଷାନଗରରୁ କାମସାରି ନିଜ ଗାଁ ଆଲୁଅଝରଣକୁ ଫେରୁଥିବାବେଳେ ଭାରସାମ୍ୟ ହରାଇ ବ୍ରିଜ ତଳକୁ ବାଇକ ସହ ଖସି ପଡ଼ିଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ କାମାକ୍ଷାନଗର ମେଡିକାଲ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରଛନ୍ତି।

# ବିଦ୍ୟୁତ୍ ଆଘାତରେ ଛେଳି ଚରାଳିଙ୍କ ମୃତ୍ୟୁ

**କାମାକ୍ଷାନଗର,୧୫।୧ (ସମିସ) :** ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ଥାନା ବସୁଲେଇ ଗ୍ରାମ ନିକଟରେ ୧୩୨ କେଭି ତାର ସଂସ୍ପର୍ଶରେ ଆସି ଜଣେ ଛେଳି ଚରାଳିଙ୍କ ମୃତ୍ୟୁ ହୋଇଛି। ମୃତକ ସେହି ଗ୍ରାମର ଜଗନ୍ନାଥ ରାଉତ। ସେ ଛେଳି ଚରାଇବାକୁ ଯାଇଥିବା ବେଳେ ୧୩୨କେଭି ତାରକୁ ଲାଗି ଏକ ଗଛ ରହିଥିଲା। ଉକ୍ତ ଗଛରୁ ଛେଳି ପାଇଁ ଡାଳ ହାଣିବାକୁ ଯିବାବେଳେ ବିଦ୍ୟୁତ ତାର ସଂସ୍ପର୍ଶରେ ଆସିଯାଇଥିଲେ। ତାଙ୍କର ୨ଟି ଗୋଡ଼ ସମ୍ପୂର୍ଣ ପୋଡ଼ି ଯାଇଥିବା ବେଳେ ଘଟଣା ସ୍ଥଳରେ ହିଁ ମୃତ୍ୟୁ ହୋଇଛି। ପରଜଙ୍ଗ ପୁଲିସ ଘଟଣା ସ୍ଥଳରେ ପହଞ୍ଚି ଅଧିକ ତଦନ୍ତ ଜାରି ରଖିଛି। ବିଦ୍ୟୁତ୍ ବିଭାଗର ଅବହେଳା ଯୋଗୁ ତାର ଝୁଲି ରହିଥିବାରୁ ଏପରି ଅଘଟଣ ଘଟିଲା ବୋଲି ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି।

# ପଶୁ ସୁରକ୍ଷା ଗୋଶାଳା ଯୋଜନାକୁ ଅଧିକାରୀଙ୍କ ଅଣଦେଖା

**ତାଳଚେରସଦ,୧୫।୧(ସମିସ):** ଦୁର୍ଘଟଣା ପ୍ରବଣ ତାଳଚେର ଖଣି ଅଞ୍ଚଳରେ ବିସ୍ଥାପିତ ଗୋ ସମ୍ପଦର ସୁରକ୍ଷା ନିମିତ୍ତ ଜିଲ୍ଲା ପ୍ରଶାସନ ତାଳଚେର ଠାରେ ସରକାରୀ ସ୍ତରରେ ଏକ ଗୋଶାଳା ନିର୍ମାଣ ନିମନ୍ତେ ମ୍ୟୁନିସିପାଲ କର୍ତ୍ତୃପକ୍ଷଙ୍କୁ ପ୍ରସ୍ତାବ ଦେଇଥିବା ଜଣାଯାଏ। ଖବର ନେବାରୁ ଜଣାଯାଇଛି ଯେ, ଗୋଶାଳ ନିର୍ମାଣ ନିମନ୍ତେ ମ୍ୟୁନିସିପାଲ କର୍ତ୍ତୃପକ୍ଷ ମଧ୍ୟ ସ୍ଥାନୀୟ ତହସିଲଦାରଙ୍କୁ ଜାଗା ନିମନ୍ତେ ଆବେଦନ କରିଛନ୍ତି, କିନ୍ତୁ ବର୍ତ୍ତମାନ ପର୍ଯ୍ୟନ୍ତ ତହସିଲଦାରଙ୍କ ଠାରୁ ଏହି ଜାଗା ଚିହ୍ନଟ ପ୍ରକ୍ରିୟା ଉପରେ କୌଣସି ପ୍ରତିକ୍ରିୟା ମିଳିନାହିଁ। ଏହି ଚିଠି ଆଦାନ ପ୍ରଦାନର ଦୀର୍ଘ ପାଞ୍ଚ ମାସ ହେବ ବିତି ଯାଇଥିଲେ ମଧ୍ୟ ପ୍ରଶାସନିକ ସ୍ଥାଣୁତା ଯୋଗୁଁ ରାଜ୍ୟ ସରକାରଙ୍କ ଏହି ପଶୁ ସୁରକ୍ଷା ଯୋଜନା କାର୍ଯ୍ୟକାରୀ ହୋଇ ପାରୁନଥିବା ସ୍ଥାନୀୟ ପଶୁପ୍ରେମୀ ଏବଂ ପଶୁ ନିର୍ଯାତନା ବିରୁଦ୍ଧରେ କାର୍ଯ୍ୟ କରୁଥିବା ବ୍ୟକ୍ତି ବିଶେଷ ଜଣେଇଛନ୍ତି। ଖଣି ବିସ୍ଥାପନରେ ଗାଁ ଗଣ୍ଡା ଉଠିଗଲା ପରେ ବିସ୍ଥାପିତ ଗୃହପାଳିତ ଜୀବ ଆଜି ରାସ୍ତା ଉପରେ ଜୀବନ ନିର୍ବାହ କରୁଥିବା ଦେଖାଯାଉଛି। କୋଇଲା ପାରିବହନ ଯୋଗୁଁ ଦୈନନ୍ଦିନ ଅନେକ ନିରୀହ ପ୍ରାଣୀ ଦୁର୍ଘଟଣାର ଶିକାର ହେଉଥିବା ପରିଲକ୍ଷିତ ହେଉଥିବା ସ୍ଥଳେ ପ୍ରଶାସନର ନୀରବତା ସନ୍ଦେହ ସୃଷ୍ଟି କରୁଛି।



# ମନ୍ଦିର ବିଗ୍ରହ ପ୍ରତିଷ୍ଠା ଉତ୍ସବ



ମାର୍ଥାପୁର, ୧୫।୧(ସମିସ) : ଢେଙ୍କନାଳ ଜିଲ୍ଲା ଭୁବନ ବ୍ଲକ ଅନ୍ତର୍ଗତ ମାର୍ଥାପୁର ଗ୍ରାମର ତାରିଣୀ ମନ୍ଦିର, ସାଇ ମନ୍ଦିର ଓ ବିଗ୍ରହ ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଛି। ଏହି ଅବସରରେ ରବିବାର ପ୍ରାତଃ ସମୟରୁ ରାମିଆଳ ନଦୀରୁ ଶତାଧିକା ମହିଳା କଳସରେ ପାଣି ଧରି ଗ୍ରାମ ପରିକ୍ରମା ପରେ ଯଜ୍ଞ ମଣ୍ଡପରେ ସ୍ଥାପନ ସହ ହୋମ ଯଜ୍ଞ କାର୍ଯ୍ୟ ହୋଇଥିଲା। ସୋମବାର ଦିନ ସୂର୍ଯ୍ୟ ପୂଜା, ନୂତନ ମନ୍ଦିର ଓ ବିଗ୍ରହ ପ୍ରତିଷ୍ଠା ହେବାର କାର୍ଯ୍ୟକ୍ରମ ରହିଛି। ଅତିଥି ଭାବେ ମନ୍ତ୍ରୀ ପ୍ରଫୁଲ୍ଲ ମଲ୍ଲିକ ଓ ବ୍ଲକ ପୂର୍ବତନ ଅଧ୍ୟକ୍ଷ ଧର୍ମାନନ୍ଦ ବରାଳ ଯୋଗଦେଇଥିଲେ। ପୁରୋଧା ଭାବେ ଚିତ୍ତରଞ୍ଜନ ମିଶ୍ର, ରାଜେଶ ମିଶ୍ର, ହରହରି ମିଶ୍ର, ଅତନୁ ମିଶ୍ର, ପଦ୍ମନାଭ ଶତପଥୀ, କର୍ତ୍ତାଭାବେ ଶ୍ରୀଧର ରାଉତ ଦାୟିତ୍ୱ ତୁଲାଇଛନ୍ତି।

## • ସର୍ବଭାରତୀୟ ଭୂତିଆ ମେମୋରିଆଲ ମହିଳା ଫୁଟବଲ ଟୁର୍ଣ୍ଣାମେଣ୍ଟ

# ଉଦ୍‌ଘାଟନୀ ମ୍ୟାଚରେ ହାଜିପୁର ବିଜୟୀ



ଅନୁଗୋଳ,୧୫।୧(ସମିସ): କାର୍ଯ୍ୟରତ ନାଲ୍‌କୋ କର୍ମଚାରୀ ଅଲେଖ ଭୁତିଆ ପ୍ରଥମ ଦୁର୍ଘଟଣାରେ ଅକାଳ ବିୟୋଗର ସ୍ମୃତିରେ ନାଲ୍‌କୋ ପକ୍ଷରୁ "ଭୁତିଆ ମେମୋରିଆଲ ଫୁଟବଲ ଟୁର୍ଣ୍ଣାମେଣ୍ଟ' ଆୟୋଜିତ ହୋଇଆସୁଛି। ନାଲ୍‌କୋ ବିଜୁ ପଟ୍ଟନାୟକ ଷ୍ଟାଡିୟମ।ରେ ସୋମବାର ସର୍ବଭାରତୀୟ ଭୁତିଆ ମେମୋରିଆଲ ମହିଳା ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ ହୋଇଯାଇଛି।

ନାଲ୍‌କୋ ଇଡି ଅମୀୟ କୁମାର ସ୍ୱାଇଁ, ଜିଜିଏମ (କୋ) ତପନ ପଟ୍ଟନାୟକ, ଜିଜିଏମ (ଓଆଣ୍ଡଏମ) ସତ୍ୟବାଦୀ ମିଶ୍ର, ଜିଜିଏମ ସ୍ମେଲ୍ଟର ଶ୍ରୀନିବାସ ସୁବ୍ରମନ୍ୟୁ, ଜିଏମ୍ ସ୍ମେଲ୍ଟର ଏସ ଏ ବାସୁ, ଡିଜିଏମ ସ୍ମେଲ୍ଟର ରାଜାରାମ ମିଶ୍ର, ଏଜିଏମ କେଦାର ନାଥ ସିଂହ ପ୍ରମୁଖ ଅତିଥି ଭାବେ ଯୋଗ ଦେଇ ସପ୍ତାହ ବ୍ୟାପୀ ହେବାକୁ ଥିବା ଏହି ଟୁର୍ଣ୍ଣାମେଣ୍ଟକୁ ଉଦ୍‌ଘାଟନ କରିବା ସହ କ୍ରୀଡ଼ାବିତଙ୍କୁ ଉତ୍ସାହିତ କରିଥିଲେ। ଉଦ୍‌ଘାଟନୀ ମ୍ୟାଚ୍‌ରେ ହାଜିପୁର ରେଲୱେ (ବିହାର) କ୍ଲବ ଏବଂ ରାୟପୁର-ଏକାଦଶ ମଧ୍ୟରେ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ହାଜିପୁର ରେଲୱେ ଦଳ ଆକ୍ରମଣାତ୍ମକ ଖେଳର ଚାରି ମିନିଟରେ ସଞ୍ଜୁ ଯାଦବ ପ୍ରଥମ ଗୋଲ୍ ସ୍କୋର କରିଥିଲେ। ଦଳର ମମତା ଦଶ ମିନିଟ୍‌ରେ ଦ୍ୱିତୀୟ ସ୍କୋର କରିଥିବାବେଳେ ମନପ୍ରିତ୍ ଆଉ ମମତା ଗୋଟିଏ ଗୋଟିଏ ଗୋଲ ଦେଇ ଦଳର ବିଜୟ ହାସଲ ପଥରେ ଚାରୋଟି ଗୋଲ ଦେଇ ଅଗ୍ରଣୀ ହୋଇଥିଲେ। ପ୍ରତିପକ୍ଷ ରାୟପୁର ଏକାଦଶ ଦଳର ପୁଷ୍ପା ଖେଳର ୩୮ ମିନିଟ ସମୟରେ ଏକ ଗୋଲ ସ୍କୋର କରିଥିଲେ। ଫଳରେ ୪-୧ ଗୋଲରେ ହାଜିପୁର ଟୁର୍ଣ୍ଣାମେଣ୍ଟର ପ୍ରଥମ ମ୍ୟାଚ୍‌ରେ ବିଜୟୀ ହୋଇଛି। ଆଜିର ମ୍ୟାଚକୁ ରେଫରି ଭାବେ ଅମିତା ପ୍ରଧାନ, ବୀଣାପାଣି ବିର୍ସା, ରୀନା ତିର୍କୀ, ବାଳମତି ଓରାମ ପରିଚାଳନା କରିଥିବା ବେଳେ ମ୍ୟାଚ୍ କମିଶନର ଭାବେ ଜାତୀୟ ରେଫେରି ଦୁର୍ଗା ମାଧବ ନାୟକ ପରିଚାଳନା କରିଥିଲେ।

ଆସନ୍ତାକାଲିର ମ୍ୟାଚ୍ ଭୁବନେଶ୍ୱରର ନିତା ଆକାଡେମି ସହିତ ଝାଡ଼ଖଣ୍ଡ ଏକାଦଶର ଖେଳ ଅନୁଷ୍ଠିତ ହେବ ବୋଲି ସ୍ପୋର୍ଟସ ଆଣ୍ଡ ୱେଲ୍‌ଫେୟାର କମିଟି ପକ୍ଷରୁ ସୂଚନା ମିଳିଛି। ଏହି ଟୁର୍ଣ୍ଣାମେଣ୍ଟ ପରିଚାଳନାରେ କମିଟିର ସୁରଜ୍ ଥାପ୍ପା, ହରିହର ସା, ପ୍ରଶାନ୍ତ ଭଞ୍ଜ, ଦେବୀ ମହାପାତ୍ର, ଭଗବାନ ଭୋଇ, ଅଜିତ ସାହୁ, ପ୍ରଶାନ୍ତ ବିଶ୍ୱାଳ, ନିର୍ମଳ ଭୋଳ, ସୁନିଲ ସାହୁ , ସନ୍ୟାସୀ ସ୍ୱାଇଁ, ବିଜୟ ସେଠ, କିଶୋର ରାଉତ, ଶୁଭେନ୍ଦୁ ସେଠ, ବିଭୂତି ଭୂଷଣ ନାହାକ, ସୁରେନ୍ଦ୍ର ନାୟକ, ପ୍ରକାଶ ସାହୁ ପ୍ରମୁଖ ସହଯୋଗ କରିଥିଲେ।

# କୁକୁଡ଼ା ଚାଷୀ ସଂଘର ବୈଠକ



**ଢେଙ୍କାନାଳ, ୧୫।୧ (ସମିସ):** ଢେଙ୍କାନାଳ ସହରସ୍ଥିତ ବଳରାମ ମନ୍ଦିର ପ୍ରାଙ୍ଗଣରେ ଢେଙ୍କାନାଳ ଜିଲ୍ଲା କୁକୁଡ଼ା ଚାଷୀ ସଂଘର ଏକ ଜରୁରୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ସଭାପତି ସୁଶିଲ୍ କୁମାର ବେହେରାଙ୍କ ସଭାପତିତ୍ୱରେ ସଭାରେ ଉପ-ସଭାପତି ବଦ୍ରିନାରାୟଣ ତ୍ରିପାଠୀ, ସମ୍ପାଦକ ଅଶୋକ ରାଉତ, କୋଷାଧ୍ୟକ୍ଷ ଦୀପ୍ତିରଞ୍ଜନ ପଣ୍ଡା ଏବଂ ଅନ୍ୟାନ୍ୟ କୋର କମିଟିର ସଦସ୍ୟ ଦେବୀ ପ୍ରସନ୍ନ ଦାସ, ସ୍ୱରୂପ ଷଣ୍ଢ, ବିଶ୍ୱଜିତ୍ କରଣ, ମନତ ଦାସ, ସୁବାଷ ଚନ୍ଦ୍ର ଦେହୁରୀ, ପ୍ରଦୀପ୍ତ ନାଏକ, କୃଷ୍ଣମୋହନ ହାତୀ, ନିଶାମଣି ବରାଳ ପ୍ରମୁଖ ଉପସ୍ଥିତ ଥିଲେ। ଉକ୍ତ ବୈଠକରେ ଆମ ଜିଲ୍ଲା କୁକୁଡ଼ା ଚାଷୀ ସଂଘର ପଞ୍ଜୀକରଣ ଶେଷ ପର୍ଯ୍ୟାୟରେ ପହଞ୍ଚିଛି ବୋଲି ଆଲୋଚନା ହୋଇଥିଲା।

